ସପ୍ତଦଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ



Rs. 7.00

ବର୍ଷ-୧୭, ସଂଖ୍ୟା-୦୪, ଭୁବନେଶ୍ୱର: ଫେବୃଆରୀ ୦୨-୦୮, ୨୦୨୬ Vol-17, Issue-04, Bhubaneswar : February 02-08, 2026

RNI NO.ODIODI/2010/33715

## ରାଜ୍ୟର ଦୀର୍ଘକାଳୀନ ଅଭିବୃଦ୍ଧି ଉପରେ ଫୋକସ୍

# ଆନ୍ଧ୍ର ପରେ ଦ୍ୱିତୀୟ ସ୍ଥାନରେ ଓଡ଼ିଶା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ରାଜ୍ୟର ଦୀର୍ଘକାଳୀନ ଅଭିବୃଦ୍ଧି, ବିକାଶ କ୍ଷେତ୍ରରେ ସୁଦୃଢ଼ ସହଯୋଗ ଓ ସଂସ୍କାର ଆଭିମୁଖ୍ୟକୁ ଆଗକୁ ବଢ଼ାଇବା ଉପରେ ବିଶ୍ୱବ୍ୟାଙ୍କ ଏବଂ ଓଡ଼ିଶା ସରକାର ମିଳିତ ଭାବେ ଗୁରୁତ୍ୱ ଦେଇଛନ୍ତି। ସେହିପରି ଘରୋଇ କ୍ଷେତ୍ରରେ ଚାକିରି ପାଇଁ ଯୁବପିଢ଼ିଙ୍କୁ ଦକ୍ଷତା ପ୍ରଦାନ କରିବା, ଭିତ୍ତିଭୂମି ବିକାଶ ସହ ସାମାଜିକ କ୍ଷେତ୍ରର ଉନ୍ନତି ଆଣିବା ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଉପରେ ବି ଫୋକସ୍ ଦିଆଯାଇଛି। ଲୋକସେବା ଭବନରେ ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ଅଜୟ ବାଙ୍ଗାଙ୍କ ସହ ଦୀର୍ଘ ଆଲୋଚନା ପରେ ଏହି ସୂଚନା ଦେଇଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।




ସେ କହିଛନ୍ତି ଯେ ରାଜ୍ୟ ସରକାର ଆର୍ଥିକ ସଂସ୍କାର ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ବ୍ୟବସାୟ ଅନୁକୂଳ ଆଇନ ବି ଅଣାଯାଇଛି। ବିପୁଳ ନିବେଶକୁ ଆକର୍ଷିତ କରିଛି। ବର୍ତ୍ତମାନ ସୁଦ୍ଧା ୨.୫ ଲକ୍ଷ କୋଟି ନିବେଶ ପ୍ରସ୍ତାବ ସହ ଆନ୍ଧ୍ର ପ୍ରଦେଶ ପରେ ଦ୍ୱିତୀୟ ସ୍ଥାନରେ ରହିଛି ଓଡ଼ିଶା। ତେଣୁ ବିଶ୍ୱବ୍ୟାଙ୍କ ସାୟତାରେ ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ଭିତ୍ତିଭୂମି, କ୍ଷୁଦ୍ର, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, କୃଷି ଓ ଆନୁସଙ୍ଗିକ କ୍ଷେତ୍ର ଏବଂ ପର୍ଯ୍ୟଟନରେ ନିବେଶ ବୃଦ୍ଧି କରି ଯୁବପିଢ଼ି ଏବଂ ମହିଳାମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିବ।

ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ଶ୍ରୀ ବାଙ୍ଗା ରାଜ୍ୟର ବିକାଶ ପ୍ରୟାସ ଏବଂ ସଂସ୍କାର ଆଭିମୁଖ୍ୟକୁ ପ୍ରଶଂସା କରି କହିଛନ୍ତି ଯେ ରାଜ୍ୟର ଯୁବପିଢ଼ି ପାଇଁ ଅଧିକ ଘରୋଇ କ୍ଷେତ୍ରର ନିଯୁକ୍ତି ସୃଷ୍ଟି କରିବା ପାଇଁ ଦକ୍ଷତା ନିର୍ମାଣ ଉପରେ ଧ୍ୟାନ ଦେବାକୁ ପଡ଼ିବ। ବିଶେଷକରି ବୈଷୟିକ ସହାୟତା, ନୀତି ପରାମର୍ଶଦାତା ସେବା ଏବଂ ଆର୍ଥିକ ସହଯୋଗ ମାଧ୍ୟମରେ ରାଜ୍ୟକୁ ସମର୍ଥନ କରିବା ପାଇଁ ବିଶ୍ୱ ବ୍ୟାଙ୍କର ପ୍ରତିବଦ୍ଧତା ଅନସ୍ୱୀକାର୍ଯ୍ୟ। ଆଗାମୀ ଦିନରେ ସରକାରୀ-ବେସରକାରୀ ସହଭାଗିତା(ପିପିପି)କୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେବା ଜରୁରୀ। ଶେଷରେ 'ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭: ବିକାଶିତ ଭାରତ, ବିକାଶିତ ଓଡ଼ିଶା' ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷଙ୍କୁ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ବିଷୟରେ ଅବଗତ କରିଥିଲେ। ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡିକେ ସିଂହ ଏବଂ ବିଶ୍ୱ ବ୍ୟାଙ୍କର ଅନ୍ୟ ପ୍ରତିନିଧିମାନେ ସାମିଲ ଥିଲେ।

## ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ରିପୋର୍ଟ ପ୍ରଦାନ

ଭୁବନେଶ୍ୱର: ଷଷ୍ଠ ରାଜ୍ୟ ଅର୍ଥ କମିଶନର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବୃତ୍ତାନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। କମିଶନ ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡା ଏହି ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ସମୀକ୍ଷା' ପୋର୍ଟାଲର ମଧ୍ୟ ଉନ୍ମୋଚନ କରିଛନ୍ତି, ଯାହା ରାଜ୍ୟ ଅର୍ଥ କମିଶନ ଏବଂ କେନ୍ଦ୍ର ଅର୍ଥ କମିଶନ ଅନୁଦାନ ଅଧୀନରେ ରାସ୍ତା, ପାନୀୟ ଜଳ ଯୋଗାଣ, ପରିମଳ, ରାସ୍ତା ଆଲୋକୀକରଣ, ପାର୍କ ଏବଂ ସାଧାରଣ ଉପଯୋଗିତା ଇତ୍ୟାଦି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ଅଗ୍ରଗତି ବିଷୟରେ ପ୍ରକୃତ ସୂଚନା ପ୍ରଦାନ କରିବ। ନାଗରିକ, ନିର୍ବାଚିତ ପ୍ରତିନିଧି କିମ୍ବା ଯେକୌଣସି ବ୍ୟକ୍ତି ପୋର୍ଟାଲରେ ପ୍ରବେଶ କରି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ପ୍ରଗତି ତଦାରଖ କରିପାରିବେ। ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ, ଓଡ଼ିଶାର ଆର୍ଥିକ ମାନଦଣ୍ଡ, ପଞ୍ଚାୟତସ୍ତରର ଢାଞ୍ଚା ପରିବର୍ତ୍ତନ, ଜନସାଧାରଣଙ୍କ ଜୀବନଧାରଣାର ମାନ ବୃଦ୍ଧି, ପ୍ରତ୍ୟେକ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ସ୍ଥିତି ସୁଧାରିବାକୁ ତତ୍ସହିତ ସମୃଦ୍ଧ ଓଡ଼ିଶାର ଭିତ୍ତି ସୁଦୃଢ଼ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ସୂଚନା ଯୋଗ୍ୟଯେ, କମିଶନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରିପୋର୍ଟରେ ଏକ ପୂର୍ବାନୁମାନଯୋଗ୍ୟ ଏବଂ ସୂତ୍ର-ଭିତ୍ତିକ ବ୍ୟବସ୍ଥା ମାଧ୍ୟମରେ ସ୍ଥାନୀୟ ସଂସ୍ଥାଗୁଡ଼ିକର ଆର୍ଥିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସମାନତା ବିଚାର, ଆଞ୍ଚଳିକ ବୈଷମ୍ୟ, ଗ୍ରାମୀଣ ଏବଂ ସହରାଞ୍ଚଳର ସ୍ଥାନୀୟ ପୃଥକ ଆବଶ୍ୟକତା ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। କମିଶନ ସ୍ଥାନୀୟ ସଂସ୍ଥାଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ଆର୍ଥିକ ଏବଂ ଅଣ-ଆର୍ଥିକ ଉଭୟ ସୁପାରିଶ କରିଛନ୍ତି। ବୈଠକରେ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ୨୦ରେ ଆଗତ ହେବ ପୂର୍ଣ୍ଣାଙ୍ଗ ବଜେଟ୍

ଭୁବନେଶ୍ୱର: ସପ୍ତଦଶ ବିଧାନସଭାର ଷଷ୍ଠ ତଥା ଗୁରୁତ୍ୱପୂର୍ଣ୍ଣ ବଜେଟ୍ ଅଧିବେଶନ ଫେବୃଆରୀ ୧୭ରୁ ଆରମ୍ଭ ହେବ। ତାହା ଦୁଇ ପର୍ଯ୍ୟାୟ ବିଶିଷ୍ଟ ହେବ। ଏପ୍ରିଲ ୮ ଯାଏଁ ତାହା ଚାଲିବ। ଫେବୃଆରୀ ୨୦ରେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ରାଜ୍ୟର ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରିବେ।

ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ପ୍ରଥମ ଦିନ ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟକୁ ଆରମ୍ଭ କରିବେ ବାଚସ୍ପତି ସୁରମା ପାଢ଼ୀ। ମହାମହିମ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପତି ଅଧିବେଶନର ପ୍ରଥମ ଦିନରେ ଗୃହରେ ଅଭିଭାଷଣ ରଖିବେ। ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ବିଜେପି ସରକାରଙ୍କ ଆଭିମୁଖ୍ୟ, ଯୋଜନା ବାବଦରେ ରାଜ୍ୟପାଳ ଅଭିଭାଷଣ ରଖିବେ। ରାଜ୍ୟପାଳଙ୍କ ଅଭିଭାଷଣରୁ ବଜେଟ ଅଧିବେଶନ ଆରମ୍ଭ ହେବ। ଫେବୃଆରୀ ୧୮ ଓ ୧୯ରେ ଦୁଇଦିନ ଧରି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ହେବ। ଫେବୃଆରୀ ୨୦ରେ ଆଗତ ହେବ ଆର୍ଥିକ ବର୍ଷ ୨୦୨୬-୨୭ରେ ରାଜ୍ୟର ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ ହେବ। ବଜେଟ୍ ଉପରେ ଫେବୃଆରୀ ୨୩ ଓ ୨୪ତାରିଖ ଦୁଇଦିନ ଧରି ସାଧାରଣ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି।




ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଅବଧି ୨୪ରେ ଶେଷ ହେବ। ଫେବୃଆରୀ ୨୫ରୁ ମାର୍ଚ୍ଚ ୮ ମଧ୍ୟରେ ଗୃହ ମୁଲତବୀ ହେବ। ଏହାରି ମଧ୍ୟରେ ବିଭିନ୍ନ ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟ ପ୍ରସ୍ତୁତ ହେବ। ପୁଣି ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ରୁ ଆରମ୍ଭ ହୋଇ ଏପ୍ରିଲ ୮ରେ ଶେଷ ହେବ। ମାର୍ଚ୍ଚ ୯ରେ ଗୃହରେ ବିଭିନ୍ନ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପନ ହେବ। ମାର୍ଚ୍ଚ ୧୦ରୁ ମାର୍ଚ୍ଚ ୨୬ ଯାଏ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଖର୍ଚ୍ଚଦାବି ଉପସ୍ଥାପନ ହେବ। ମାର୍ଚ୍ଚ ୩୦ରେ ବଜେଟ୍ ଅନୁମୋଦନ ପାଇଁ ଗୃହର ଅନୁମତି ଲୋଡ଼ିବେ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ମାର୍ଚ୍ଚ ୩୧ରେ ପୂର୍ଣ୍ଣାଙ୍ଗ ବଜେଟ୍ ୨୦୨୬-୨୭ ଆର୍ଥିକ ବର୍ଷର ଆପ୍ରୋପ୍ରିଏସନ ବିଲ୍ ଆଗତ ହୋଇ ସେଇଦିନ ପାରିତ ହେବ। ଏପ୍ରିଲ ୧ରୁ ଗୃହ ଉତ୍କଳ ଦିବସ ପାଇଁ ବନ୍ଦ ରହିବ। ଏପ୍ରିଲ ୨ ଓ ଏପ୍ରିଲ ୮ରେ ପ୍ରାଇଭେଟ୍ ମେମ୍ବରଙ୍କ ବିଲ ଆଗତ ପାଇଁ ଦୁଇଦିନ ଧାର୍ଯ୍ୟ ହୋଇଛି। ଶେଷରେ ଏପ୍ରିଲ ୮ରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହକୁ ମୁଲତବୀ କରିବେ। ତେବେ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଚଳିତ ବଜେଟରେ ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ସମେତ ସାମାଜିକ କଲ୍ୟାଣ ଆଦି ଉପରେ ଅଧିକ ଗୁରୁତ୍ୱ ଦିଆଯାଇପାରେ। ଚଳିତଥର ରାଜ୍ୟ ବଜେଟ୍ ପରିମାଣ ୩ଲକ୍ଷ କୋଟି ଟଙ୍କା ଛୁଇଁବ ବୋଲି ଆକଳନ କରାଯାଉଛି। ବଜେଟ୍ ଅଧିବେଶନ ସରଗରମ ହେବାର ସମ୍ଭାବନା ରହିଛି। ଅଧିବେଶନ ସମୟରେ ରାଜ୍ୟସଭା ନିର୍ବାଚନ ଥିବାବେଳେ ଶାସକ ଓ ବିରୋଧୀ ମୁହାଁମୁହିଁ ହେବାର ମଧ୍ୟ ଆଶଙ୍କା ରହିଛି। ତା'ଛଡ଼ା ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଯଥା- ଧାନ ବିକ୍ରି, ଚାଷୀ ଓ ବେକାରୀ ସମସ୍ୟା, ଶିକ୍ଷା ବ୍ୟବସ୍ଥାରେ ସଂସ୍କାର, ଆଇନଶୃଙ୍ଖଳା ଆଦି ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ନିଜର ସ୍ୱର ଶାଣିତ କରିବେ ବୋଲି ଆକଳନ କରାଯାଉଛି।

## ନିକୋଟିନ୍ ନଥିଲେ ହେବନି ପାନ ମସଲା ବ୍ୟାନ୍

ଭୁବନେଶ୍ୱର: ଦୂର ହେଲା ପାନ ମସଲା ଦ୍ୱନ୍ଦ୍ୱ। ରାଜ୍ୟରେ କେଉଁ ପାନ ମସଲା ବିକ୍ରି ହେବ ଏବଂ କାହା ଉପରେ ଲାଗିଛି ବ୍ୟାନ ସେନେଇ ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟୀକରଣ ରଖିଛି। ମାତ୍ର ୧୦ ଦିନ ମଧ୍ୟରେ ପୂର୍ବରୁ ଜାରି ହୋଇଥିବା ନିର୍ଦ୍ଦେଶନାମାରେ ପରିବର୍ତ୍ତନ ହୋଇଛି। ଏପରିକି ରାଜ୍ୟରେ ପାନମସଲା ବିକ୍ରି, ପ୍ରସ୍ତୁତି ଆଦିକୁ ନେଇ ରାଜ୍ୟରେ ବ୍ୟାନ ହେବ ନାହିଁ। ଯେଉଁ ପାନ ମସଲାରେ ଟବାକୋ ଓ ନିକୋଟିନ୍ ନଥିବ ସେଗୁଡିକ ବ୍ୟାନ ହେବ ନାହିଁ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ପଷ୍ଟ କରିଛି ଯେ ପ୍ରତିବନ୍ଧକ କେବଳ ତମାଖୁ ବା ନିକୋଟିନ୍ ମିଶ୍ରିତ ପାନ ମସଲା ପାଇଁ ଲାଗୁ ହେବ। ସାଧାରଣ (ତମାଖୁ ବିହୀନ) ପାନ ମସଲା ଉପରେ ଏହି ନିଷେଧାଦେଶ ଲାଗୁ ହେବ ନାହିଁ। ଗତ ୨୧ ତାରିଖରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସାଧାରଣ ଜନସ୍ୱାସ୍ଥ୍ୟର ସୁରକ୍ଷା ଦୃଷ୍ଟିକୋଣରୁ ରାଜ୍ୟ ସରକାର ଓଡ଼ିଶାରେ ଗୁଟଖା, ପାନ ମସଲା, ଜର୍ଦ୍ଦା, ଖଇନି ଓ ତମାଖୁ କିମ୍ବା ନିକୋଟିନ୍ ଯୁକ୍ତ ସମସ୍ତ ପ୍ରକାରର ଖାଦ୍ୟ ପଦାର୍ଥର ଉତ୍ପାଦନ, ପ୍ରସ୍ତୁତି, ପ୍ୟାକେଜିଂ, ସଞ୍ଚୟ, ପରିବହନ, ବଣ୍ଟନ ଓ ବିକ୍ରୟ ଉପରେ ପ୍ରତିବନ୍ଧ ଜାରି କରିଥିଲେ।

ତେଜସ୍ୱିନୀ

### ବିଶେଷ ଦୃଷ୍ଟି ଆକର୍ଷଣ


- ପନାଚିକୁଡ଼ ସରସ୍ୱତୀ ମନ୍ଦିର
- ପକ୍ଷୀଙ୍କ ପ୍ରଭାବ
- 'ଭେରୋନିକା'
- ଟ୍ରେଣ୍ଡିଙ୍ଗ୍

# ନାରୀ ପାଇଁ ଭୋଟ୍ ଅଧିକାର

ପୁରାଣରୁ ଜଣାଯାଏ ମଦ୍ର ଦେଶର ନରପତି ଅଶ୍ୱପତି କନ୍ୟା ସନ୍ତାନଟିଏ ଲାଭକରିବା ଉଦ୍ଦେଶ୍ୟରେ ସହସ୍ରାଧିକ ଯଜ୍ଞ କରିଥିଲେ। ସେହିଭଳି ମିଥିଳାର ରାଜା ଜନକ ଏକଦା ଆକାଶରେ ସୁନ୍ଦରୀ ଅପ୍‌ସରା ମେନକାଙ୍କୁ ଦେଖି ତାଙ୍କ ପରି କନ୍ୟାର ପିତା ହେବାକୁ ପ୍ରୟାସ କରିଥିଲେ ଓ ଦକ୍ଷିଣ ସିନ୍ଧୁ ତୀରରେ ବିଶିଷ୍ଟ ମୁନିଋଷିମାନଙ୍କୁ ନିମନ୍ତ୍ରଣକରି ତାଙ୍କ ଦ୍ୱାରା ଯଜ୍ଞ କରାଇଥିଲେ। ଉପରୋକ୍ତ ଦୁଇ ରାଜାଙ୍କର କନ୍ୟା ଥିଲେ ଯଥାକ୍ରମେ ସାବିତ୍ରୀ ଓ ସୀତା। ତତ୍କାଳୀନ ଭାରତୀୟମାନଙ୍କ ଭାବନା ଥିଲା ଅତି ପୁଣ୍ୟ। ଏପରିକି କନ୍ୟାକୁ ରନତ୍ ସହ ସମାନ ଚକ୍ଷୁରେ ଦେଖି କହୁଥିଲେ କନ୍ୟାରତ୍ନ। ଏପରି ଭାବନାର ବଶବର୍ତ୍ତୀ ହୋଇ ସେ ସମୟର ରାଜା ଓ ପ୍ରଜାଗଣ କନ୍ୟାପିତା ହେବାକୁ ସୌଭାଗ୍ୟ ବୋଲି ବିବେଚନା କରୁଥିଲେ।

ରାତି ପାହିଲା ବେଳକୁ ଗାଁ ଦାଣ୍ଡ ନିକଟ ଗାଁର ଗୋପାଳଘରର ସ୍ତ୍ରୀ ଲୋକଟି ଯେତେବେଳେ ଡାକଦିଏ 'ଦହି ନେବ ଦହି' ସେହି ଡାକରେ ଗାଁର ଆବାଳ ବୃଦ୍ଧବନିତାଙ୍କ ନିଦ ଭାଙ୍ଗିଯାଏ ଏବଂ ଡାଟିଆଟିଏ ଧରି ଧାଇଁଯାଆନ୍ତି ଗୋପାଳୁଣୀ ନିକଟକୁ ଦହିନେବା ପାଇଁ। ଦହି ବିକ୍ରି କରୁଥିବା ମାଉସୀଟି ସମସ୍ତଙ୍କ ନିକଟରେ ଥାଏ ଆଦରଣୀୟ। ଆଉ ତା'ର ଡାକ ଓ ଦହି ବ୍ୟବସାୟରେ ଥାଏ ସ୍ନେହଭରା ଆଦର। ମାତ୍ର କେତେଜଣ ଚାଟୁକାରଙ୍କ ଲାଭଖୋର ମନୋବୃତ୍ତିରେ ଭାରତକୁ ବ୍ୟବସାୟ କରିବାକୁ ଆସିଥିବା ଇଂରେଜମାନଙ୍କ କବଳରେ ଶାସନଭାର ପଡ଼ିଯିବାରୁ ଭାରତ ହେଲା ପରାଧୀନ। ନାରୀମାନଙ୍କ ସ୍ୱାଧୀନତା ଛଡ଼ାଇ ନିଆଗଲା। ବ୍ରିଟିଶ ଶାସନ କାଳରେ ଭାରତରେ ନାରୀ ଜାତିକୁ ସର୍ବନିମ୍ନ ଭୋଟ ଅଧିକାରରୁ ବଞ୍ଚିତ କରାଯାଇଥିଲା।

ସେହି ବ୍ରିଟିଶ ଶାସନ ସମୟରେ ମଧୁସୂଦନ ଦାସ ୧୯୨୧ରୁ ୧୯୨୩ ମସିହା ପର୍ଯ୍ୟନ୍ତ ବିହାର ଏବଂ ଓଡ଼ିଶା ପ୍ରଦେଶର ସ୍ୱାୟତ୍ତ ଶାସନ, ପୂର୍ତ୍ତ ଓ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ଥିଲେ। ସେ ସମୟରେ ନାରୀଜାତି ପାଇଁ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କଥା ଚିନ୍ତାକରି ଉତ୍କଳ ଗୌରବ ମଧୁସୂଦନ ଦାସ ୨୩ ନଭେମ୍ବର ୧୯୨୧ରେ ସର୍ବପ୍ରଥମେ ବିହାର ଏବଂ ଓଡ଼ିଶା ବିଧାନ କାଉନସିଲ୍‌ରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଗରିମାମୟ ପ୍ରସ୍ତାବ 'ନାରୀଜାତି ପାଇଁ ଭୋଟ ଅଧିକାର' ଆଗତ କରିଥିଲେ। ଏହା ଏକ ଐତିହାସିକ ପ୍ରସ୍ତାବ ରୂପେ ସୁଖ୍ୟାତି ଲାଭ କରିଥିଲା।

ନାରୀଜାତି ପାଇଁ ଭୋଟ ଅଧିକାର ପ୍ରସ୍ତାବଟି ଆଗତ କରି ମଧୁସୂଦନ ଦାସ ବିହାର, ଓଡ଼ିଶା ବିଧାନ କାଉନ୍‌ସିଲ୍‌କୁ ସ୍ତବ୍ଧ କରିଦେଇଥିଲେ। ସେହି ପ୍ରସ୍ତାବ ଆଗତ ବେଳେ ମଧୁସୂଦନ ଦାସ ଅନର୍ଗଳ ଇଂରାଜୀରେ ଭାଷଣ ଦେଇଥିଲେ। ପରବର୍ତ୍ତୀ କାଳରେ ୧୯୨୩ ମସିହାରେ ମଧୁସୂଦନଙ୍କ ଅଦମ୍ୟ ପ୍ରଚେଷ୍ଟାରେ ଭାରତୀୟ ନାରୀ ଆଇନଜୀବୀ ବୃତ୍ତି ଗ୍ରହଣର ଯୁଗାନ୍ତକାରୀ ଅଧିକାର ପାଇଥିଲେ। ସେ କହିଥିଲେ, ପୁରୁଷମାନଙ୍କ ମଣିଷପଣିଆର କେବଳ ଦୃଢ଼ ଅଭିନୀତ ସ୍ୱଭାବ ରହିଥାଏ। ଆଉ ଥାଏ ପୁରୁଷପଣିଆର କଠୋରତା। ମାତ୍ର ନାରୀଜାତି ସମସ୍ତ ଅଧ୍ୟାମତ୍ୟ ଗୁଣର ଅଧିକାରୀ ଯାହା ଭାଗବତ ଆଧାରିତ, ଯାହା ପ୍ରେମପୂର୍ଣ୍ଣ ଆଉ ଉଦାର, ଯହିଁରେ ପ୍ରକୃତ ମଣିଷପଣିଆର ସ୍ୱରୂପ ପ୍ରକାଶିତ ହୁଏ। ସମଗ୍ର ଭାରତ ଭ୍ରମଣକର, ଆକାଶଟି ତାରା ଖଚିତ ହେଲା ଭଳି ସମସ୍ତ ରାଜ୍ୟ ମନ୍ଦିରମାନଙ୍କରେ ପରିପୂର୍ଣ୍ଣ। ଧର୍ମ ପାଇଁ ଭାରତ କେତେ ତ୍ୟାଗ ନ କରିଛି ? ମାତାମାନେ ସେମାନଙ୍କର ସନ୍ତାନ ପାଇଁ ସ୍ୱାର୍ଥ ତ୍ୟାଗ ଆଉ ବଳୀଦାନର ଊର୍ଦ୍ଧ୍ୱରେ କ'ଣ ବା ଥାଇପାରେ ? ତୁମେ ଯେତେ ଯାହା କୁହ, ଯେଉଁ କଣ୍ଠ ସ୍ୱରରେ ନାରୀମାନଙ୍କର ଭୋଟ ଅଧିକାର ପ୍ରତି ବିରୋଧ କରୁଛ ଏହାହିଁ ସତ୍ୟ ଯେ ତୁମର ଶରୀର ଯେଉଁ କଣ୍ଠସ୍ୱର ଓ ଜିହ୍ୱା ସାହାଯ୍ୟରେ ନାରୀଜାତି ବିରୋଧରେ ଏକ ଶବ୍ଦ ଉଚ୍ଚାରିତ କରୁଛ ଏ ସମସ୍ତ ନାରୀଜାତିର ଦାନ ହିଁ ତୁମର ଜନନୀଙ୍କର ପ୍ରଦତ୍ତ। ଏ ସମସ୍ତ ତୁମ୍ଭ ଜୀବନର ଇତିହାସ। ଯାହାର ପ୍ରାରମ୍ଭ ମାତୃଗର୍ଭରୁ ହିଁ ହୋଇଛି। ସେ ମାତୃଗର୍ଭ ହେଉଛି ଜୀବନ୍ତ ଦେବାଳୟ। ଯେଉଁଠାରେ ଭଗବାନ୍ ମଣିଷ ସହ ସମ୍ମିଳିତ ଆଉ ସଂଯୁକ୍ତ ହୁଅନ୍ତି। ମାତୃଗର୍ଭରୁ ଶିଶୁ ଜନ୍ମହେଲା ପରେ ପ୍ରଥମେ ମାତା ହିଁ ଶିକ୍ଷାଦାତ୍ରୀ ରୂପେ ମନୁଷ୍ୟର ମାନବୀୟ ଗୁଣଗୁଡ଼ିକର ବିକଶିତ କରାନ୍ତି। ଶିଶୁ ଜନ୍ମହେଲା ପରେ ତାହାର ଅତୁଟ ବିଶ୍ୱାସ ମାତାଙ୍କ ଉପରେ ସ୍ଥାପିତ କରିଥାଏ। ମାତା ଶିଶୁଟିକୁ ବିଶ୍ୱାସ ପ୍ରତି ନିବଦ୍ଧ ରହିବାକୁ ଶିଖାନ୍ତି।

ଫରାସୀ ଦାର୍ଶନିକ କମ୍‌ଟେ କହନ୍ତି, 'ମାନବିକତା ମାତା, ପତ୍ନୀ ଓ କନ୍ୟାମାନଙ୍କଠାରେ ପ୍ରତିନିଧିତ୍ୱ କରିଥାଏ'। ପ୍ରାଚୀନ କାଳରେ ଏ ଦେଶ ବହୁତ ଉନ୍ନତି କରିଥିଲା ଓ ନାରୀମାନେ ଉଚ୍ଚ ସ୍ଥାନର ଅଧିକାରିଣୀ ଥିଲେ। ମାତ୍ର ବ୍ରିଟିଶ ଶାସନକାଳରେ ପୁରୁଷମାନେ ସ୍ତ୍ରୀ ଜାତି ପ୍ରତି ଘୃଣିତ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ନାରୀମାନେ ବିଚାରାଳୟରେ ବିଭିନ୍ନ ଦଣ୍ଡରେ ଦଣ୍ଡିତ ହେଉଛନ୍ତି ଏବଂ ପାଶ୍ଚାତ୍ୟ ଦେଶରେ ନାରୀର କ୍ଷମତାହୀନତା ଓ ଅଧିକାର ହୀନତା ବିଷୟ ଚିନ୍ତାକଲେ ମଧୁସୂଦନଙ୍କ କ୍ରୋଧ ପ୍ରଜ୍ୱଳିତ ହୁଏ ବୋଲି କହିଥିଲେ। ଆଜି ପାଶ୍ଚାତ୍ୟ ବିଧି ବ୍ୟବସ୍ଥାକୁ ଗ୍ରହଣ କରିବା ଦ୍ୱାରା ନାରୀଜାତିକୁ ଭୋଟ ଅଧିକାରରୁ ବଞ୍ଚିତକରି ଆମେ ଅପରାଧ କରି ଚାଲିଛୁ। ଆମ୍ଭେମାନେ କାଉନ୍‌ସିଲ୍ ଗଢ଼ି ୨୦୦ ଲୋକଙ୍କୁ ଯୋଡ଼ି ଯେଉଁ ଆଲୋଚନା କରୁଛେ ତାହା ଜାତି ପାଇଁ ନୁହେଁ। ଯେଉଁ ଭାରତୀୟ ସଭ୍ୟତାର ସୂର୍ଯ୍ୟର ପ୍ରଖର ଜ୍ୟୋତିରେ ପ୍ରଜ୍ୱଳିତ ଥିଲା ଆଜି ତାହା ନିର୍ବାପିତ ଓ ଅସ୍ତମିତ। ନାରୀ ଜାତିର ଅପରାଧ କ'ଣ ଯେ ସେ ଆଜି ସର୍ବନିମ୍ନ ଭୋଟ ଅଧିକାରରୁ ବଞ୍ଚିତ। ରାମାୟଣ ଓ ମହାଭାରତରେ ସୀତା କିମ୍ବା ଦ୍ରୌପଦୀ ଚରିତ୍ର ନ ଥିଲେ ତା'ର କ'ଣ ବା ମୂଲ୍ୟ ଥାଆନ୍ତା ?


ମଧୁସୂଦନ କହିଥିଲେ, ମୁଁ ବିଚାରକରେ ଯେ, ନାରୀଜାତିକୁ ଭୋଟ ଅଧିକାରରୁ ବଞ୍ଚିତକରିବା ଏକ କଳଙ୍କ ଓ ମହାନ୍ ଅପରାଧ। ମୋର ଧମନୀରେ ସତୀ ରକ୍ତ ପ୍ରବାହିତ। ତାହା ହିଁ ମୋତେ ଉଜ୍ଜୀବିତକରି ରଖିଛି ଓ ନାରୀଜାତିକୁ ଭୋଟ ଅଧିକାର ପ୍ରଦାନ ଲାଗି ଅନୁପ୍ରେରିତ କରୁଛି। ଶେଷରେ ୧୯୨୩ରେ ମଧୁସୂଦନଙ୍କ ଅନର୍ଗଳ ଭାଷଣରେ ବିହାର ଓଡ଼ିଶା କାଉନ୍‌ସିଲର ଶେଷ ବିଚାରରେ ଭାରତୀୟ ନାରୀ ଆଇନଜୀବୀ ବୃତ୍ତି ଗ୍ରହଣ ଯୁଗାନ୍ତକାରୀ ଅଧିକାର ପାଇଁ ବ୍ରିଟିଶ ଇମ୍ପେରିଆଲ କାଉନ୍‌ସିଲ୍‌ର ଅନୁମୋଦନ ପାଇଲା। ଏହା ଥିଲା ନାରୀ ଜାତିର ବ୍ରିଟିଶ ଶାସନରେ ଓଡ଼ିଆମାନଙ୍କ ଜିତାପଟ। ଏ ଜିତାପଟଟି ମଧୁସୂଦନଙ୍କର ନ ଥିଲା, ଏହା ଥିଲା ସମଗ୍ର ଓଡ଼ିଆ ଜାତିର ବୋଲି ମଧୁସୂଦନ କହିଥିଲେ।

# ସମ୍ବିଧାନରେ ଶ୍ରେଷ୍ଠ ସମନ୍ୱୟ

ଭାରତୀୟ ସମ୍ବିଧାନର ମୌଳିକ ଅଧିକାର ସମସ୍ତ ନାଗରିକଙ୍କୁ ସମାନ ଅଧିକାର ଉପଭୋଗ କରିବା ପାଇଁ ସୁଯୋଗ ପ୍ରଦାନ କରାଯାଇଛି। ସମ୍ବିଧାନର ଅନୁଚ୍ଛେଦ ୧୬(୧) ଓ ୧୬(୨)ରେ ନାଗରିକଙ୍କୁ ସେମାନଙ୍କ ଜାତି, ବର୍ଣ୍ଣ, ଲିଙ୍ଗ ତଥା ଧର୍ମ ଆଧାରରେ ଭେଦଭାବ ବିନା ସମାନ ସୁଯୋଗ ପ୍ରଦାନ କରାଯାଉଛି। ତା'ସହିତ ସମ୍ବିଧାନରେ ରାଜ୍ୟଗୁଡ଼ିକୁ ସାମାଜିକ ଓ ଆଧ୍ୟାମତ୍ିକ କ୍ଷେତ୍ରରେ ସମାନତା ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମ୍ବିଧାନରେ ଜାତି, ଆସ୍ଥା, ସମୁଦାୟ ଓ ଭାଷା ଆଦିରେ ସମାନ ବ୍ୟବହାର ତଥା ସେଗୁଡ଼ିକରେ କ୍ରିୟାନ୍ୱୟନ କିପରି ହେବ ସେ ସମ୍ବନ୍ଧରେ ଉଲ୍ଲେଖ ଅଛି। ନାଗରିକଙ୍କର ହିତସାଧନ କିପରି ହେବ ସେଥିପାଇଁ ସମ୍ବିଧାନ ନିର୍ମାତାମାନେ ଚିନ୍ତା କରି ପ୍ରଣୟନ କରିଛନ୍ତି। ସମ୍ବିଧାନର ଏହି ଲକ୍ଷ୍ୟକୁ ସାକାର କରିବା ପାଇଁ ନ୍ୟାୟପାଳିକା ଦ୍ୱାରା ବହୁବାର ଅନୁସୂଚିତ ଜାତି ଓ ଜନଜାତି ତଥା ଅନ୍ୟ ପଛୁଆ ବର୍ଗ ସମ୍ବନ୍ଧରେ ବିଭିନ୍ନ ରାୟ ପ୍ରକାଶ ପାଇଛି। ଏଥିରୁ ପ୍ରମାଣିତ ହେଉଛି ଯେ ଏକ ସାମାଜିକ ସମରସତା ବା ଶ୍ରେଷ୍ଠ ସମନ୍ୱୟଯୁକ୍ତ ସମାଜ ବ୍ୟବସ୍ଥା ନିର୍ମାଣ କରିବା ଭାରତୀୟ ସମ୍ବିଧାନ ତଥା ଗଣତନ୍ତ୍ରର ଉଦ୍ଦେଶ୍ୟ।

ଭାରତର ସମ୍ବିଧାନ ପ୍ରତ୍ୟକ୍ଷ ଭେଦାଭେଦକୁ ଧ୍ୟାନ ଦେଇ ତା'ର ନିରାକରଣ ପାଇଁ ସୁଯୋଗ ପ୍ରଦାନ କରିଛି। ପରୋକ୍ଷ ଭେଦାଭେଦ ସମ୍ପୂର୍ଣ୍ଣ ଉଚ୍ଛେଦ କରିହେବ ନାହିଁ। ଯେପରି କି ସ୍ୱଜାତି, ସ୍ୱଗୋତ୍ର ପ୍ରତି ଆଗ୍ରହ, ଭ୍ରଷ୍ଟାଚାର ଓ କ୍ଷେତ୍ରବାଦ ଆଦି ନିର୍ମୂଳନ ନୀତି ନିର୍ଦ୍ଧାରଣକୁ ପ୍ରଭାବିତ କରିଥାଏ; କିନ୍ତୁ ଶାସନ ପ୍ରଶାସନ ଏହିପରି କେତେକ ତ୍ରୁଟିକୁ ସୁଧାରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। କେତେକ ବ୍ୟକ୍ତିଗତ ଘଟଣାକୁ ସଂସ୍ଥାଗତ ଅଭିଶାପର ପୋଷାକ ପିନ୍ଧାଇବା ଠିକ୍ ନୁହେଁ। ଗଣତନ୍ତ୍ରରେ ଏହିପରି ବହୁତ ସାମ୍ବିଧାନିକ ତଥା ଅତିରିକ୍ତ ଉପାୟ ଅଛି ଯାହା ପକ୍ଷପାତକୁ ଦୂର କରିପାରିବ। ଏଥିରେ ନ୍ୟାୟପାଳିକାର ସକ୍ରିୟତା, ଜନସ୍ୱାର୍ଥ ମାମଲା (ପିଆଇଏଲ୍), ଗଣମାଧ୍ୟମର ସକ୍ରିୟତା ଓ ସୂଚନା ଅଧିକାର ଆଇନର ଉପଯୋଗ ଆଦିର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ଭାରତୀୟ ସମ୍ବିଧାନ ପ୍ରଚଳିତ ବିଷମତା ଦୂରୀକରଣ ପାଇଁ ସରକାରଙ୍କୁ ବିଭିନ୍ନ ନୀତି ନିର୍ଦ୍ଧାରଣ ସକାଶେ ପ୍ରେରିତ କରିଛି। ଏଥିରେ ସବୁଠାରୁ ଲୋକପ୍ରିୟ ହେଉଛି 'ସକାରାମକ୍ ପକ୍ଷପାତ' ନୀତି। ସକାରାତ୍ମକ ପକ୍ଷପାତ ନୀତିର ଅର୍ଥ ସାମାଜିକ ତଥା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଓ ନିରାଶ୍ରୟ ବର୍ଗ ମଧ୍ୟରେ ଶିକ୍ଷା ଏବଂ ରୋଜଗାରକୁ ପ୍ରାଧାନ୍ୟ ଦେବା। ସକାରାତ୍ମକ ପକ୍ଷପାତର ଉଦ୍ଦେଶ୍ୟ ହେଉଛି ଭାରତର ଦୁର୍ବଳ ଓ ପଛୁଆ ବର୍ଗକୁ ସମାଜର ମୁଖ୍ୟଧାରାରେ ସାମିଲ କରିବା। ଏଥିପାଇଁ ସେମାନଙ୍କର ଶିକ୍ଷା, ରୋଜଗାର, ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ଥିବା ବାଧାବିଘ୍ନକୁ ଦୂର କରିବା। ସମ୍ବିଧାନ ସଭାରେ ବହୁବାର ଏ ସମ୍ବନ୍ଧରେ ଚର୍ଚ୍ଚା, ଆଲୋଚନା କରାଯାଇଛି ଏବଂ ଅନୁସୂଚିତ ଜାତି ଓ ଜନଜାତି ପାଇଁ ବହୁ ସୁବିଧା ପ୍ରଦାନ କରାଯାଇଛି। ସମ୍ବିଧାନ ସଭାର ସ୍ପଷ୍ଟ ମତ ଥିଲା ଯେ ସହସ୍ରବର୍ଷ ଧରି ଭେଦଭାବର




ଶିକାର ହୋଇଥିବା ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ପାଇଁ କେବଳ ସଂରକ୍ଷଣର ସୁବିଧା ପ୍ରଦାନ କରାଯିବ, କିନ୍ତୁ ସମ୍ବିଧାନ ସଭାରେ ସଂଖ୍ୟାଲଘୁଙ୍କ ପାଇଁ ଧାର୍ମିକସ୍ତରରେ ସଂରକ୍ଷଣ ପାଇଁ ଦୃଢ଼ ବିରୋଧ ହୋଇଥିଲା। ସମ୍ବିଧାନ ନିର୍ମାତାମାନେ ଦୃଢ଼ ଭାବେ ମତପୋଷଣ କରିଥିଲେ ଯେ ସଂଖ୍ୟାଲଘୁର ଅବଧାରଣା କେବଳ ସମାଜକୁ ବିଭାଜନ କରିବା ପାଇଁ ଇଂରେଜଙ୍କର ପରିକଳ୍ପିତ ମାନସିକତା ଥିଲା। ସମାଜରେ ଧାର୍ମିକ ବର୍ଗୀକରଣ ଆଧାରରେ ଅଳ୍ପସଂଖ୍ୟକ ଓ ବହୁସଂଖ୍ୟକ ମଧ୍ୟରେ ବିଭାଜନ କରିବା ଏକ ସାମ୍ରାଜ୍ୟବାଦୀ ମାନସିକତା ବୋଲି ସେମାନେ ଦୃଢ଼ ମତ ଘୋଷଣା କରିଥିଲେ। ସମ୍ବିଧାନର ଧାରା ୨୯ ଓ ୩୦ ମଧ୍ୟରେ ଧାର୍ମିକ ସଂଗଠନଗୁଡ଼ିକର ସାଂସ୍କୃତିକ ଓ ସାମାଜିକ ଅଧିକାରର ସୁରକ୍ଷା ପାଇଁ ବ୍ୟବସ୍ଥା କରାଗଲା, କିନ୍ତୁ ଧାର୍ମିକ ଆଧାରରେ ସଂରକ୍ଷଣକୁ ପ୍ରତ୍ୟାଖ୍ୟାନ କରାଗଲା।

ଭାରତୀୟ ସମ୍ବିଧାନରେ ମୌଳିକ ଅଧିକାର, ସାଂସ୍କୃତିକ ଅଧିକାର, ସଂଘୀୟ ବ୍ୟବସ୍ଥା ତଥା ସର୍ବଧର୍ମ ସମଭାବ ସହିତ ପୃଥକ୍ ପୃଥକ୍ ସାମାଜିକ ତଥା ସାଂସ୍କୃତିକ ବର୍ଗଗୁଡ଼ିକ ମଧ୍ୟରେ ସମାନତା ତଥା ସ୍ୱତନ୍ତ୍ରତା ଆଦି ପ୍ରତିଷ୍ଠା ପାଇଁ ଅନେକ ସୁଯୋଗ ପ୍ରଦାନ କରାଯାଉଛି। ଅନୁସୂଚିତ ଜାତି ଓ ଜନାଜାତି, ଅନ୍ୟାନ୍ୟ ପଛୁଆ ବର୍ଗରେ ସାମାଜିକ ଓ ଆର୍ଥିକ ସ୍ତରରେ ନିଷ୍ପେଷିତ ବ୍ୟକ୍ତିଙ୍କୁ ବିଶେଷ ଅଧିକାର ପ୍ରଦାନ କରାଯାଇଛି। ସମ୍ବିଧାନ ସଭାର ଚର୍ଚ୍ଚା ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହେଉଥିଲା ଯେ ଧର୍ମ ଆଧାରରେ ସଂରକ୍ଷଣ ଆଦୌ ସମୀଚୀନ ନୁହେଁ। ଉଦାହରଣ ସ୍ୱରୂପ ସଂଖ୍ୟାଲଘୁ ସମ୍ପ୍ରଦାୟରୁ ପ୍ରତିନିଧିତ୍ୱ କରୁଥିବା ସଦସ୍ୟ ତଜମୁଲ ହୁସେନ ଯେଉଁ ବକ୍ତବ୍ୟ ପ୍ରଦାନ କରିଥିଲେ ତାହା ଉଲ୍ଲେଖନୀୟ। ସେ ମୁସଲମାନ ଓ ଅନ୍ୟାନ୍ୟ ସମ୍ପ୍ରଦାୟଙ୍କୁ ସଂଖ୍ୟାଲଘୁ ସଂଜ୍ଞା ଦେବାର ବିରୋଧ କରିଥିଲେ। ହୁସେନ କହିଥିଲେ, "ଆମ ମୁସଲମାନଙ୍କ ପାଇଁ କୌଣସି ପ୍ରକାରର ସୁଖ ସୁବିଧା ପ୍ରଦାନ କରିବା ଆବଶ୍ୟକ ନାହିଁ। ଆମକୁ ଭାରତରେ କୌଣସି ସଂରକ୍ଷଣର ସୁରକ୍ଷା କବଚର ଆବଶ୍ୟକ ନାହିଁ। ଆମେ ଦୁର୍ବଳ ନୋହୁଁ। ସଂରକ୍ଷଣ ଦ୍ୱାରା ମୁସଲମାନଙ୍କର ଲାଭ କମ୍ କ୍ଷତି ଅଧିକ ହେବ। ଭାରତରେ ମୁସଲମାନ ସମାଜରେ ବହୁସଂଖ୍ୟକଙ୍କ ସହିତ ସମସ୍କନ୍ଧ ହୋଇ ରହିବା ଆବଶ୍ୟକ। ମୁଁ ଚାହୁଁଛି ଯେ ଏହି ନୂତନ ଅବସ୍ଥାରେ ଭାରତର ସମସ୍ତ ନାଗରିକଙ୍କୁ ଏକ ଅଧିକାର ପ୍ରଦାନ କରିଯିବା ଆବଶ୍ୟକ ଯେଉଁଥିରେ ସମସ୍ତେ ଦେଶର ବିକାଶ ପାଇଁ କାର୍ଯ୍ୟ କରିବା ଉଚିତ। ଏଣୁ ମୁସଲମାନଙ୍କୁ ସଂରକ୍ଷଣ ପ୍ରଦାନ କରିବା ସେମାନଙ୍କ ପାଇଁ ଆତ୍ମଘାତୀ ହେବ।" ଏହାର ବିସ୍ତୃତ ଭାଷଣ 'ଦି ରାଇଟ ଟୁ ଇକ୍ୱାଲିଟି, ସମ୍ପାଦକୀୟ, କମ୍ୟୁନିଜମ୍ କମ୍ବାକ୍ଟ' ପୁସ୍ତକରେ ବର୍ଣ୍ଣନା କରାଯାଇଛି।

ସମ୍ବିଧାନ ସଭାର ଉପାଧ୍ୟକ୍ଷ ଡ. ଏଚ୍. ସି. ମୁଖାର୍ଜୀ କହିଥିଲେ, "ଯଦି ଆମର ଲକ୍ଷ୍ୟ ଭାରତକୁ ଏକ ପନ୍ଥ ନିରପେକ୍ଷ ରାଷ୍ଟ୍ରରୂପେ ନିର୍ମାଣ କରିବା, ତେବେ ଧର୍ମ ଆଧାରରେ ନୁହେଁ।" ନ୍ୟାୟପାଳିକା ମଧ୍ୟ ଏ ସମ୍ବନ୍ଧରେ ବହୁବାର ଆଦେଶ ପ୍ରଦାନ କରି ଧାର୍ମିକ ଆଧାରରେ ଆରକ୍ଷଣକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

ସମ୍ବିଧାନ ସଭାର ସମସ୍ତ ସଦସ୍ୟଙ୍କ ଏକ ମତ ଥିଲା ଯେ ଅନୁସୂଚିତ ଜାତି ଓ ଜନଜାତି ସହସ୍ରବର୍ଷ ଧରି ସାମାଜିକ ତଥା ଭାବନାତ୍ମକ ଭେଦଭାବର ଶିକାର ହୋଇଆସିଛି। ସମ୍ବିଧାନ ସଭାର ସଦସ୍ୟ ଲକ୍ଷ୍ମଣ ଶ୍ରବଣ ଭାଟକର କହିଥିଲେ ଯେ "ସାମ୍ପ୍ରଦାୟିକ ପ୍ରତିନିଧିତ୍ୱ ସମ୍ବିଧାନରୁ ନିର୍ମୂଳ କରିଦେବା ଆବଶ୍ୟକ ଏବଂ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଦଶବର୍ଷ ପାଇଁ ସଂରକ୍ଷଣ ପ୍ରଦାନ କରାଯିବା ଦରକାର। କାରଣ ସେମାନେ ଏଥିପାଇଁ ହକ୍ ?ଦାର। ସେମାନେ ଦରିଦ୍ର, ବଞ୍ଚିତ, ଅଶିକ୍ଷିତଙ୍କ ସ୍ଥିତି ଓ ସାମାଜିକ ଅବସ୍ଥାକୁ ଦେଖି ଏହିପରି ସୁଖ ସୁବିଧା ପ୍ରଦାନ କରିବା ଆବଶ୍ୟକ।" ମାର୍କ୍ସବାଦୀ ଇତିହାସରେ ଇରଫାନ ହବିବଙ୍କ ମତରେ "ଭାରତରେ ବର୍ଣ୍ଣବ୍ୟବସ୍ଥା ସମ୍ପୂର୍ଣ୍ଣ ଅମାନବୀୟ, ଯାହା ସମାଜରେ ଅସମାନତା ସୃଷ୍ଟି କରୁଛି।" ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସମ୍ବିଧାନ ସଭାରେ କହିଥିଲେ "ଅନୁସୂଚିତ ଜାତି ଓ ଜନଜାତିଙ୍କୁ ସଂରକ୍ଷଣରେ ସୁଖ ସୁବିଧା ପ୍ରଦାନ କରିବା ଆବଶ୍ୟକ। ବହୁସଂଖ୍ୟକ ସମୁଦାୟର ଏହା ଦାୟିତ୍ୱ ହେବା ଆବଶ୍ୟକ ଯେ ନିଜର ଉଦାରତା ଦ୍ୱାରା ସଂଖ୍ୟାଲଘୁଙ୍କ ମଧ୍ୟରେ ବିଶ୍ୱାସର ଭାବନା ଉଦ୍ରେକ କରିବା। ସେହିଭଳି ସଂଖ୍ୟାଲଘୁଙ୍କର ଏପରି କର୍ତ୍ତବ୍ୟ ହେବା ଆବଶ୍ୟକ ଯେ ସେମାନେ ଅତୀତର ସମସ୍ତ ଦୋଷ ତ୍ରୁଟିକୁ ବିସ୍ମରଣ କରି ଚିନ୍ତନ କରିବା ଉଚିତ। ସଂଖ୍ୟାଲଘୁ ଓ ବହୁସଂଖ୍ୟକ ବିଭାଜନ ବିଦେଶୀ ଇଂରେଜୀଙ୍କର ଏକ ଷଡ଼ଯନ୍ତ୍ର। ଏଥିପାଇଁ ଆମେ ବହୁ କଷ୍ଟ ସ୍ୱୀକାର କରିଛୁ। ଦେଶରେ ସମସ୍ତେ ଏକ ଓ ସମାନ। ସମସ୍ତ ନାଗରିକଙ୍କର ଅଧିକାର ଅକ୍ଷୁଣ୍ଣ ରହିବା ଆବଶ୍ୟକ। ସମଗ୍ର ଭାରତ ଏକ ସମୁଦାୟ। ବହୁସଂଖ୍ୟକ ଓ ସଂଖ୍ୟାଲଘୁ ବିଭାଜନ ବନ୍ଦ ହେବା ଆବଶ୍ୟକ।" ତେବେ ଅଧିକାରକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଶାସନର ଦୁଇଟି ଅଙ୍ଗ ରହିଛି: ନ୍ୟାୟବ୍ୟବସ୍ଥା ଓ କାର୍ଯ୍ୟପାଳିକା। ଏହି ଦୁଇଟି ଅଙ୍ଗ ସମାନ୍ତରାଳ ହୋଇ ଚାଲିବା ଆବଶ୍ୟକ, ନଚେତ୍ ସଂଘର୍ଷ ଦେଖାଦେବ।

# ବିମାନ ଦୁର୍ଘଟଣାରେ ଆଖିବୁଜିଲେ ଅଜିତ୍ ପାୱାର

ମୁମ୍ବାଇ: ମହାରାଷ୍ଟ୍ର ରାଜନୀତିର ଅନ୍ୟତମ ବରିଷ୍ଠ ନେତା ତଥା ୬୬ ବର୍ଷୀୟ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି)ର ମୁଖ୍ୟ ତଥା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ରିପୋର୍ଟ ଅନୁସାରେ ବୁଧବାର ସକାଳ ୮ଟା ୪୫ ମିନିଟ୍‌ରେ ଅଜିତ ପୱାରଙ୍କ ବ୍ୟକ୍ତିଗତ ଚାଟାର୍ଡ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏଥିରେ ଅଜିତ୍‌ଙ୍କ ସମେତ ମୋଟ୍ ୫ଜଣ ପ୍ରାଣ ହରାଇଛନ୍ତି। ଏକ ସ୍ଥାନୀୟ ନିର୍ବାଚନ (ପୁଣେ ଜିଲ୍ଲା ପରିଷଦ ନିର୍ବାଚନ)ପାଇଁ ପ୍ରଚାର କାର୍ଯ୍ୟକ୍ରମରେ ନିଜ ନିର୍ବାଚନୀ କ୍ଷେତ୍ର ବାରାମତୀକୁ ଅଜିତ୍ ଯାଇଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ମୁମ୍ବାଇ ବିମାନବନ୍ଦରରୁ ଉଡାଣ ଭରିଥିବା ଅଜିତ୍‌ଙ୍କ ଏହି ବ୍ୟକ୍ତିଗତ ଚାଟାର୍ଡ ବିମାନ ଭିଟି-ଏସ୍‌ଏସ୍‌କେ ଲିୟରଜେଟ୍-୪୫ ବାରାମତୀ ଠାରେ ଅସ୍ୱାଭାବିକ ପାଣିପାଗର ଶିକାର ହୋଇଥିଲା। ଯାହାଫଳରେ ବିମାନର କ୍ୟାପ୍‌ଟେନ୍ ବିମାନଟିକୁ ସଠିକ୍ ଭାବେ ଲ୍ୟାଣ୍ଡ୍ କରିପାରିନଥିଲେ ବୋଲି ଅନୁମାନ କରାଯାଉଛି। ବିମାନ ପାଇଲଟ୍ ଶମ୍ଭାବୀ ପାଠକ୍ ଜଣେ ଦକ୍ଷ ଏବଂ ଦୀର୍ଘଦିନର ଅଭିଜ୍ଞତା ସମ୍ପନ୍ନ ପାଇଲଟ୍ ହୋଇଥିବା ବେଳେ ଦୁଇ ଦୁଇ ଥର ବିମାନକୁ ସୁରକ୍ଷିତ ଲ୍ୟାଣ୍ଡିଂ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଶେଷରେ ସେ ଅସଫଳ ରହିଥିଲେ। ଦ୍ୱିତୀୟ ଥର ପ୍ରୟାସରେ ବିମାନଟି ରନ୍‌ୱେରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାର କାରଣ ଘନ କୁହୁଡି କୁହାଯାଉଥିବା ବେଳେ ଅଧିକ ସୂଚନା ପାଇଁ ବେସାମରିକ ବିମାନ ଚଳାଚଳ ନିୟନ୍ତ୍ରକ (ଡିଜିସିଏ) ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ଘଟଣାଗ୍ରସ୍ତ ହେବା ପରେ ପରେ ବିମାନଟି ଜଳିଯାଇଥିଲା, ଯେଉଁଥିରେ ବିମାନରେ ସବାର ଥିବା ସମସ୍ତ ସଦସ୍ୟ ଭୟଙ୍କର ଭାବେ ପୋଡିଯାଇଥିଲେ। ଏପରିକି ମୃତଦେହଗୁଡ଼ିକୁ ଚିହ୍ନଟ କରିବା ମଧ୍ୟ ସମ୍ଭବ ହୋଇପାରିନଥିଲା। ତେବେ ପରିବାର ସଦସ୍ୟଙ୍କ ସହଯୋଗୀ ଅଜିତ୍ ପୱାରଙ୍କ ମୃତଦେହ ସହ ଅନ୍ୟମାନଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି। ଦୁର୍ଘଟଣା ପରେ ସମଗ୍ର ଅଞ୍ଚଳ କଳା ଧୂଆଁମୟ ହୋଇପଡିଥିଲା। ଅଜିତ୍‌ଙ୍କ ବିମାନ ଦୁର୍ଘଟଣା ସମ୍ପର୍କୀତ ଖବର ପ୍ରସାରିତ ହେବା ପରେ ଦେଶବ୍ୟାପୀ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବିଭିନ୍ନ ଆଡୁ ସମବେଦନା ତଥା ଶୋକବାର୍ତ୍ତା ଆସିବାରେ ଲାଗିଛି।

## ସଂସଦରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ

# ଜିଡିପି ଅଭିବୃଦ୍ଧି ୬.୮-୭.୨% ରହିବା ଆକଳନ

ନୂଆଦିଲ୍ଲୀ: କେନ୍ଦ୍ର ବଜେଟ ପୂର୍ବରୁ ଆଗତ ହୋଇଛି ୨୦୨୬ର ଅର୍ଥନୈତିକ ସର୍ଭେ ରିପୋର୍ଟ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୁରୁବାର ସଂସଦରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି । ସଂସଦରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେରେ ୨୦୨୬-୨୭ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୬.୮ରୁ ୭.୨ ପ୍ରତିଶତ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି । ଯାହା ଚଳିତ ଆର୍ଥିକ ବର୍ଷରେ ଆକଳନ କରାଯାଇଥିବା ୭.୪ ପ୍ରତିଶତ ତୁଳନାରେ ସାମାନ୍ୟ କମ୍ ରହିବ। ଆର୍ଥିକ ସର୍ବେକ୍ଷଣ ରିପୋର୍ଟରେ ଲଗାତାର ଚତୁର୍ଥ ବର୍ଷ ପାଇଁ ଭାରତ ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥବ୍ୟବସ୍ଥା ହୋଇ ରହିବ ବୋଲି ଦୃଢ଼ ଭାବେ ଦର୍ଶାଯାଇଛି ।



ସର୍ଭେରେ ଦର୍ଶାଯାଇଛି ଯେ ଆର୍ଥିକ ବର୍ଷ ୨୦୨୫-୨୬ରେ ଘରୋଇ ଚାହିଦା ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେଇଛି। ପ୍ରଥମ ଅଗ୍ରୀମ ଆକଳନ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୫-୨୬ରେ ଜିଡିପିରେ ଅନ୍ତିମ ଘରୋଇ ବ୍ୟବହାର ଖର୍ଚ୍ଚ (ପିଏଫସିଇ)ର ଅଂଶ ୬୧.୫ ପ୍ରତିଶତକୁ ବୃଦ୍ଧି ପାଇଛି। ବ୍ୟବହାରରେ ଏହି ଦୃଢ଼ତା ଏକ ସହାୟକ ସାମଗ୍ରିକ ଆର୍ଥିକ ପରିବେଶକୁ ପ୍ରତିଫଳିତ କରିଥାଏ। ନିମ୍ନ ମୁଦ୍ରାସ୍ଫୀତି, ସ୍ଥିର ନିଯୁକ୍ତି ପରିସ୍ଥିତି ଏବଂ ବୃଦ୍ଧି ପାଉଥିବା ପ୍ରକୃତ କ୍ରୟ ଶକ୍ତି କାରଣରୁ ଏଭଳି ଆର୍ଥିକ ପରିସ୍ଥିତରେ ସୁଧାର ଆସିଛି । ଅଧିକନ୍ତୁ, ଦୃଢ଼ କୃଷି କାର୍ଯ୍ୟଦକ୍ଷତା ଫଳରେ ଗ୍ରାମୀଣ ବ୍ୟବହାରରେ ସ୍ଥିରତା ଓ ଦୃଢ଼ତା ଆସିଛି। ସେହିପରି ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସକୁ ଯୁକ୍ତିସଂଗତ କରାଯିବା ଫଳରେ ସହରାଞ୍ଚଳ ବ୍ୟବହାରରେ ଧୀରେ ଧୀରେ ଉନ୍ନତି ଆସିଛି। ବ୍ୟବହାର ଚାହିଦାରେ ଏହି ପ୍ରଗତିଶୀଳ ଧାରା ବ୍ୟାପକ ବୋଲି ଏଥିରୁ ସ୍ପଷ୍ଟ ସୂଚନା ମିଳିଥାଏ। ବ୍ୟବହାର ସହିତ, ନିବେଶ ମଧ୍ୟ ଆର୍ଥିକ ବର୍ଷ ୨୦୨୫-୨୬ରେ ଅଭିବୃଦ୍ଧି ହାରକୁ ଜାରି ରଖିଛି, ମୋଟ ସ୍ଥିର ପୁଞ୍ଜି ଢାଞ୍ଚା (ଜିଏଫସିଏଫ)ର ଅଂଶ ୩୦.୦ ପ୍ରତିଶତ ଆକଳନ କରାଯାଇଛି। ବର୍ଷର ପ୍ରଥମାର୍ଦ୍ଧରେ ନିବେଶ କାର୍ଯ୍ୟକଳାପ ମଜବୁତ ହୋଇଛି। ଜିଏଫସିଏଫ ୭.୬ ପ୍ରତିଶତ ବୃଦ୍ଧି ପାଇଛି। ଏହା ଗତ ବର୍ଷ ସମାନ ଅବଧିରେ ରେକର୍ଡ ହୋଇଥିବା ଗତିକୁ ଅତିକ୍ରମ କରିଛି ଏବଂ ମହାମାରୀ ପୂର୍ବରୁ ଥିବା ହାର ୭.୧ ପ୍ରତିଶତ ଠାରୁ ଅଧିକ ରହିଛି।

# ଟ୍ରମ୍ପଙ୍କ ନାଲିଆଖିର ଜବାବ ଦେଲା ଇରାନ୍

ୱାଶିଂଟନ୍: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନାଲିଆଖି ତଥା ଧମକର ଜବାବ ଦେଇଛି ଇରାନ୍। ଇରାନ୍ କହିଛି, ଆମେରିକା ଯଦି କୌଣସି ପ୍ରକାର ଯୁଦ୍ଧ କାର୍ଯ୍ୟକଳାପ ଆରମ୍ଭ କରେ ତେବେ ଇରାନ୍ ଏହାର ଦୃଢ଼ ଜବାବ ଦେବାକୁ ପ୍ରସ୍ତୁତ ଅଛି। ଇରାନ ଦାବି କରିଛି ଯେ ସେ ସ୍ଥଳ ଏବଂ ସମୁଦ୍ର ଭାଗରୁ ପ୍ରତି ଆକ୍ରମଣ କରିବାକୁ ସକ୍ଷମ ୧,୦୦୦ ଡ୍ରୋନ୍ ସହ ୩ହଜାରରୁ ଊର୍ଦ୍ଧ୍ୱ ମିସାଇଲ ପ୍ରସ୍ତୁତ ରଖିଛି। ଇରାନ ସେନା ଏହା ମଧ୍ୟ ଦାବି କରିଛି ଯେ ଏହାର ଡ୍ରୋନ ଏବଂ କ୍ଷେପଣାସ୍ତ୍ରର ନେଟୱାର୍କ ଯେକୌଣସି ଆମେରିକୀୟ ଆକ୍ରମଣକୁ ପ୍ରତିହତ କରିପାରିବ।

ରିପୋର୍ଟ ଅନୁସାରେ ଆମେରିକା ଏବେ ଇରାନ୍ ଅଭିମୁଖେ ନିଜ ନୌସେନାର ବଡ଼ ବଡ଼ ଯୁଦ୍ଧପୋତଗୁଡ଼ିକୁ ପଠାଇବା ଜାରି ରଖିଛନ୍ତି। ଏହାକୁ ନେଇ ଆମେରିକା, ଇରାନ୍ ଉପରେ ସମୁଦ୍ର ମାର୍ଗରୁ ଆକ୍ରମଣ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ତେବେ ଏସବୁ ଆଶଙ୍କା ମଧ୍ୟରେ ଟ୍ରମ୍ପ,ନିୟମିତ ଭାବେ ଇରାନ୍‌କୁ ଆକ୍ରମଣ ଧମକ ଦେବା ଜାରି ରଖିବା ଫଳରେ ପରିସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇପଡିଛି। ଜାନୁଆରୀ ୨୮ରେ, ଟ୍ରମ୍ପ ଇରାନକୁ ତାର ପରମାଣୁ କାର୍ଯ୍ୟକ୍ରମ ଉପରେ ଏକ ଆପୋଷ ସମାଧାନ କରିବାକୁ ଅନୁରୋଧ କରିଥିଲେ। ଏପରି କରିବାରେ ବିଫଳ ହେବା ଇରାନ୍ ପାଇଁ ଅଧିକ ବିପଜ୍ଜନକ ହେବ ବୋଲି ଟ୍ରମ୍ପ୍ ଧମକ ଦେଇଥିଲେ। ଟ୍ରମ୍ପଙ୍କ ଅନୁସାରେ, ଆମେରିକୀୟ ଯୁଦ୍ଧଜାହାଜ ଇରାନ ଆଡକୁ ମୁହାଁଇଛି। ଆମେରିକୀୟ ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ମଧ୍ୟ କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଯେକୌଣସି ସାମରିକ ନିର୍ଦ୍ଦେଶର ଜବାବ ଦେବାକୁ ଆମେରିକୀୟ ସାମରିକ ବାହିନୀ ପ୍ରସ୍ତୁତ ଅଛନ୍ତି।

ଅନ୍ୟପକ୍ଷେ ଇରାନର ସେନା ମୁଖ୍ୟ, ମେଜର ଜେନେରାଲ ଆମିର ହାତାମି କହିଛନ୍ତି ଯେ ଗତ ବର୍ଷ ଜୁନରେ ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ୧୨ ଦିନିଆ ସଂଘର୍ଷ ପରେ, ସେନା ତାର ସାମରିକ ରଣନୀତି ପରିବର୍ତ୍ତନ କରିଛି। ଏହାର ଏକ ଅଂଶ ଭାବରେ, ଇରାନ୍ ଏଥର ବହୁ ସଂଖ୍ୟକ ଡ୍ରୋନ ବିକଶିତ କରିନେଇଛି ଯାହାକି ଯେକୌଣସି ଆକ୍ରମଣ ଉପରେ ପାଲଟା ଆକ୍ରମଣ କରିବାକୁ ଯଥେଷ୍ଟ ଏବଂ ସକ୍ଷମ ମଧ୍ୟ। ହାତାମିଙ୍କ ଅନୁଯାୟୀ, ଏହି ଡ୍ରୋନଗୁଡ଼ିକ ସ୍ଥଳ ଏବଂ ସମୁଦ୍ର ଉଭୟ ସ୍ଥାନରୁ କାର୍ଯ୍ୟ କରିପାରିବ। ଏହା ବ୍ୟତୀତ, ଇରାନ ପାଖରେ ପୂର୍ବରୁ ବହୁ ସଂଖ୍ୟକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଅଛି ବୋଲି ମଧ୍ୟ ସେ କହିଛନ୍ତି। ମୋଟାମୋଟି ଆମେରିକା ଏବେ ଇରାନ୍‌ର କେବଳ ଗୋଟିଏ ବଟନ୍ ଦବାଇବା ଠାରୁ ଦୂରରେ ଅଛି ବୋଲି ସେ କହିଛନ୍ତି।

# ଯୁଜିସି ନୂଆ ନିୟମକୁ 'ସୁପ୍ରିମ୍' ଝଟ୍‌କା

ନୂଆଦିଲ୍ଲୀ: ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ୟୁଜିସିକୁ ଲାଗିଛି ସୁପ୍ରିମ୍ ଛାଟ। କଲେଜରେ ସମାନତା ଆଣିବା ଉଦ୍ଦେଶ୍ୟରେ ୟୁଜିସି ଜାରି କରିଥିବା ଜାତିଭିତ୍ତିକ କମିଟି ନିୟମ ଉପରେ ରୋକ ଲଗାଇ ଦେଇଛନ୍ତି ସୁପ୍ରିମକୋର୍ଟ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଛାତ୍ରଙ୍କ ଭିତରେ ଭେଦଭାବ ସହ ଜଡ଼ିତ ୟୁଜିସି ଇକ୍ୱିଟି ରୁଲ୍ସର ନୂଆ ରେଗୁଲେସନକୁ ଚ୍ୟାଲେଞ୍ଜ ଦେଉଥିବା ଜନସ୍ୱାର୍ଥ (ପିଆଇଏଲ୍) ଉପରେ ଶୁଣାଣି କରିଛନ୍ତି। ୟୁଜିସିର ବିଭେଦତା ନିରୋଧ ନିୟମକୁ ସର୍ବୋଚ୍ଚ ଅଦାଲତ ସମାଲୋଚନା କରିବାକୁ ମଧ୍ୟ ପଛାଇ ନାହାନ୍ତି। ୟୁଜିସି ଜାରି କରିଥିବା ଗାଇଡଲାଇନରେ ସ୍ୱଷ୍ଟତା ନାହିଁ ଓ ଏହାର ଅସଦବ୍ୟବହାର ହୋଇପାରେ ବୋଲି ମଧ୍ୟ ସୁପ୍ରିମକୋର୍ଟ ଆଶଙ୍କା କରିଛନ୍ତି। ଏଥିସହ କେନ୍ଦ୍ର ସରକାର ଓ ୟୁଜିସିକୁ ସୁପ୍ରିମକୋର୍ଟ ନୋଟିସ କରି ଜବାବ ତଲବ କରିଛନ୍ତି। ସେପର୍ଯ୍ୟନ୍ତ, ୨୦୧୨ ର ପୁରୁଣା ୟୁଜିସି ନିୟମାବଳୀ କାର୍ଯ୍ୟକାରୀ ହେବ। ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୯ ତାରିଖକୁ ଧାର୍ଯ୍ୟ କରିଛନ୍ତି ସୁପ୍ରିମକୋର୍ଟ।ୟୁଜିସିର ବିଭେଦତା ନିରୋଧ ନିୟମକୁ ସର୍ବୋଚ୍ଚ ଅଦାଲତ ସମାଲୋଚନା କରିବାକୁ ମଧ୍ୟ ପଛାଇ ନାହାନ୍ତି। ୟୁଜିସି ଜାରି କରିଥିବା ଗାଇଡ୍‌ଲାଇନ୍‌ରେ ସ୍ୱଷ୍ଟତା ନାହିଁ ଓ ଏହାର ଅସଦବ୍ୟବହାର ହୋଇପାରେ ବୋଲି ମଧ୍ୟ ସୁପ୍ରିମକୋର୍ଟ ଆଶଙ୍କା କରିଛନ୍ତି। ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟ ଜାତିଗତ ଭେଦଭାବ ଓ ଅନ୍ୟ ପକ୍ଷପାତିତାକୁ କେମିତି ପରିଚାଳନା କରିବେ, ସେନେଇ ୟୁନିଭର୍ସିଟି ଗ୍ରାଣ୍ଟ କମିଶନର ପ୍ରମୋସନ ଅଫ ଇକ୍ୱିଟି ଇନ୍ ହାଇଅର ଏଡୁକେସନ ଇନଷ୍ଟିଚ୍ୟୁସନ୍ସ ରେଗୁଲେସନ ୨୦୨୬ ଜାରି କରାଯାଇଥିଲା।

# ଦେଶ ଏବେ 'ସଂସ୍କାର ଏକ୍ସପ୍ରେସ୍'ରେ ଆଗକୁ ବଢୁଛି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: କେନ୍ଦ୍ର ବଜେଟ୍ ଉପରେ ଲୋକଙ୍କ ଧ୍ୟାନ କେନ୍ଦ୍ରିତ ରହିବା ସ୍ୱାଭାବିକ, କାରଣ ବଜେଟ୍ ଦେଶର ଅର୍ଥିକ ଦିଗ ଏବଂ ବିକାଶର ପ୍ରାଥମିକତା ଧାର୍ଯ୍ୟ କରେ। ହେଲେ ସରକାରଙ୍କ ପରିଚୟ କେବଳ ବଜେଟ୍ ପର୍ଯ୍ୟନ୍ତ ସୀମିତ ନାହିଁ। ବିଗତ ବର୍ଷରେ ସରକାର ରିଫର୍ମ, ପରଫର୍ମ ଏବଂ ଟ୍ରାନ୍ସଫର୍ମ ନୀତି ଜରିଆରେ ଦେଶର ବିକାଶକୁ ନୂଆ ଗତି ଦେଇଛନ୍ତି। ରିଫର୍ମ, ପରଫର୍ମ ଏବଂ ଟ୍ରାନ୍ସଫର୍ମ ହେଉଛି ସରକାରଙ୍କ ପରିଚୟ । ଆମ ସରକାର ଦେଶର ପ୍ରତ୍ୟେକ ନାଗରିକଙ୍କ ଯାଏଁ ପହଞ୍ଚିବାକୁ ଚେଷ୍ଟା କରିଛି। କୌଣସି ବି ଯୋଜନା ହେଉ, ସମାଜର ଶେଷ ଶ୍ରେଣୀ ଯାଏଁ ପହଞ୍ଚାଯାଇଛି। ଆମକୁ ନାପସନ୍ଦ କରୁଥିବା ଲୋକବି ଏହା ମାନୁଛନ୍ତି ଯେ, ସରକାର ସମାଜର ଶେଷ ବ୍ୟକ୍ତି ଯାଏ ସୁବିଧା



ପହଞ୍ଚାଇଛନ୍ତି। ବଜେଟ୍ ଅଧିବେଶନ ୨୦୨୬ ଆରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦ ପରିସରରେ ଗଣମାଧ୍ୟମକୁ ସମ୍ବୋଧନ କରି ଏହା କହିଛନ୍ତି।

ସେ କହିଥିଲେ ଯେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଦେଶର ୧୪୦ କୋଟି ଜନତାଙ୍କ ଆତ୍ମବିଶ୍ୱାସର ପରିପ୍ରକାଶ, ସେମାନଙ୍କ କଠିନ ପରିଶ୍ରମର ପ୍ରମାଣ ଓ ଯୁବପିଢିଙ୍କ ଆକାଂକ୍ଷାର ପ୍ରତିଫଳନ। ସେ ଉଲ୍ଲେଖ କରିଥିଲେ ଯେ ଏହି ଅଧିବେଶନ ଆରମ୍ଭରେ ଓ ବର୍ଷ ୨୦୨୬ ଲାଗି ରାଷ୍ଟ୍ରପତି ସମସ୍ତ ସଦସ୍ୟଙ୍କ ଆଗରେ ବିଭିନ୍ନ ମାର୍ଗଦର୍ଶିକା ବିନ୍ଦୁ ରଖିଛନ୍ତି। ଶ୍ରୀ ମୋଦୀ କହିଥିଲେ ଯେ ରାଷ୍ଟ୍ରମୁଖ୍ୟ ଭାବରେ, ରାଷ୍ଟ୍ରପତି ସରଳ ଭାଷାରେ ଯେଉଁ ଆଶା ରଖିଛନ୍ତି, ସେଗୁଡ଼ିକୁସମସ୍ତ ସାଂସଦଙ୍କ ଦ୍ୱାରା ଗୁରୁତ୍ୱର ସହିତ ନିଆଯିବ, ଯାହା ଏହି ଅଧିବେଶନକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କରିଥାଏ। ସେ କହିଥିଲେ ଯେ ଏହି ବଜେଟ୍ ଅଧିବେଶନ ଏକବିଂଶ ଶତାବ୍ଦୀର ପ୍ରଥମ ଚତୁର୍ଥାଂଶର ଶେଷ ଏବଂ ଦ୍ୱିତୀୟ ଚତୁର୍ଥାଂଶର ଆରମ୍ଭ। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ଆଗାମୀ ୨୫ ବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ବଜେଟ୍ ହେଉଛି ଶତାବ୍ଦୀର ଦ୍ୱିତୀୟ ଚତୁର୍ଥାଂଶର ପ୍ରଥମ ବଜେଟ୍। ଦେଶର ପ୍ରଥମ ମହିଳା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲଗାତାର ନବମ ଥର ପାଇଁ ସଂସଦରେ ବଜେଟ୍ ଉପସ୍ଥାପନ କରିବେ, ଯାହା ଭାରତର ସଂସଦୀୟ ଇତିହାସରେ ଏକ ଗର୍ବର ମୁହୂର୍ତ୍ତ। ଭାରତ ବିଶ୍ୱ ପାଇଁ ଏକ ଆଶାର ଆଲୋକ ଓ ଆକର୍ଷଣ କେନ୍ଦ୍ର ପାଲଟିଛି। ଏହି ଚତୁର୍ଥାଂଶର ଆରମ୍ଭରେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଭାରତର ଯୁବପିଢିଙ୍କ ପାଇଁ ଉଜ୍ଜଳ ଭବିଷ୍ୟତ ଏବଂ ଆଗାମୀ ଦିଗଦର୍ଶନକୁ ପ୍ରତିଫଳିତ କରେ। ଏହି ଚୁକ୍ତିନାମା ଏକ ମହତ୍ୱାକାଂକ୍ଷୀ ଭାରତ, ଆକାଂକ୍ଷୀ ଯୁବପିଢ଼ି ଏବଂ ଏକ ଆତ୍ମନିର୍ଭରଶୀଳ ଭାରତ ପାଇଁ ମୁକ୍ତ ବାଣିଜ୍ୟକୁ ପ୍ରତିନିଧିତ୍ୱ କରେ। ଭାରତୀୟ ଉତ୍ପାଦକମାନେ ସେମାନଙ୍କର କ୍ଷମତା ବୃଦ୍ଧି କରିବା ପାଇଁ ଏହି ସୁଯୋଗର ସଦବ୍ୟବହାର କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ସେ କହିଥିଲେ ଯେ 'ସବୁ ଚୁକ୍ତିନାମାର ଜନନୀ' ବୋଲି କୁହାଯାଉଥିବା ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା ଏହି ଚୁକ୍ତିନାମା ଯୋଗୁଁ ଏକ ବିଶାଳ ବଜାର ଏବେ ଖୋଲିଯାଇଛି। ଏହା ଫଳରେ ଭାରତୀୟ ସାମଗ୍ରୀଗୁଡ଼ିକ ଅଳ୍ପ ଖର୍ଚ୍ଚରେ ସେଠାରେ ପହଞ୍ଚିପାରିବ। ତେବେ ବ୍ୟବସାୟ ମୁଖ୍ୟ ଓ ନିର୍ମାତାମାନେ ଅଳ୍ପରେ ସନ୍ତୁଷ୍ଟ ନ ହୋଇ ନିଜର ଉତ୍ପାଦର ଗୁଣବତ୍ତା ବୃଦ୍ଧି କରିବାକୁ ସେ ଚେତାଇଦେଇଥିଲେ।



# ନିରବତାରେ ଲୁଚିଥିବା ସୂର୍ଯ୍ୟୋଦୟ

**ଆଲୋକ ରଞ୍ଜନ ମିଶ୍ର**

ମହାନଦୀ କୂଳରେ ଥିବା ସେହି ଛୋଟ ଗାଁ 'ବାଲିଝରୀ' ଆଜି ଆଉ ସେମିତି ନାହିଁ। ଦିନେ ଯେଉଁଠି ପିଲାମାନଙ୍କର କୋଳାହଳରେ ଦିନ ଆରମ୍ଭ ହେଉଥିଲା, ସେଠାରେ ଏବେ କେବଳ ପବନର ଶୀତଳ ଶବ୍ଦ ହିଁ ଶୁଭେ। ଗାଁର ସବୁଠାରୁ ପୁରୁଣା ବୃକ୍ଷ, ସେହି ବରଗଛ ମୂଳରେ ବସି ଚିତ୍ରକର ଦେବେନ୍ଦ୍ର ବାବୁ ଚାରିଆଡ଼କୁ ଚାହିଁ ରହୁଥିଲେ। ତାଙ୍କ ହାତରେ ଥିବା ତୂଳୀ ଆଉ ସେମିତି ନାଚେ ନାହିଁ। ବୟସର ଭାର ଏବଂ ଏକାକୀତ୍ୱ ତାଙ୍କୁ ଗ୍ରାସ କରିଛି। ତାଙ୍କର ଏକମାତ୍ର ଝିଅ ମାନସୀ ସହରକୁ ଯାଇ ବଡ଼ ଡାକ୍ତରାଣୀ ହୋଇଛି, କିନ୍ତୁ ଗାଁର ସ୍ମୃତି ବୋଧହୁଏ ତା'ର ମନରୁ ଲିଭିଯାଇଛି।

ଦେବେନ୍ଦ୍ର ବାବୁଙ୍କର ଗୋଟିଏ ସ୍ୱପ୍ନ ଥିଲା-ତାଙ୍କ ଗାଁର ସୌନ୍ଦର୍ଯ୍ୟକୁ କାନ୍ଭାସରେ ଚିତ୍ରିତ କରି ଏକ ପ୍ରଦର୍ଶନୀ ଆୟୋଜନ କରିବା। ଏହି ସ୍ୱପ୍ନ ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା। କିନ୍ତୁ ସ୍ୱାସ୍ଥ୍ୟଗତ ସମସ୍ୟା ତାଙ୍କୁ ଅନେକ ସମୟରେ ନିରାଶ କରୁଥିଲା। ସେ ଯେତେବେଳେ ଚିତ୍ର ଆଙ୍କିବାକୁ ବସୁଥିଲେ, ତାଙ୍କ ହାତ ଥରି ଉଠୁଥିଲା। ତାଙ୍କ କାନ୍ଭାସଗୁଡ଼ିକ ଅଧା ରହିଯାଉଥିଲା, ଠିକ୍ ତାଙ୍କ ଅଧା ରହିଯାଇଥିବା ସ୍ୱପ୍ନ ଭଳି।

ଗାଁରେ ଜଣେ ଯୁବକ ଥିଲା, ନାମ ତାର ଅଭିଷେକ। ସେ ଦେବେନ୍ଦ୍ର ବାବୁଙ୍କ ପୁରୁଣା ଛାତ୍ର ଥିଲା। ଅଭିଷେକ ମଧ୍ୟ ଚିତ୍ର ଆଙ୍କିବାରେ ନିପୁଣ ଥିଲା, କିନ୍ତୁ ଗାଁରେ ରହି କୌଣସି ସୁଯୋଗ ପାଇପାରୁ ନଥିଲା। ଦିନେ ଅଭିଷେକ ଦେବେନ୍ଦ୍ର ବାବୁଙ୍କ ଘରକୁ ଆସିଲା। ଦେବେନ୍ଦ୍ର ବାବୁଙ୍କୁ ଦେଖି ତା' ଆଖିରେ ପୁରୁଣା ସ୍ମୃତିର ଜୁଆର ଖେଳିଗଲା। ସେ ଦେଖିଲା ଯେ ତାଙ୍କ ଗୁରୁ କେତେ ଦୁର୍ବଳ ହୋଇଯାଇଛନ୍ତି। ଅଭିଷେକ ତାଙ୍କର ଅଧା ରହିଥିବା ଚିତ୍ରଗୁଡ଼ିକୁ ଦେଖିଲା ଏବଂ କହିଲା, 'ଗୁରୁଜୀ, ଆପଣଙ୍କ ସ୍ୱପ୍ନକୁ ମୁଁ ପୂରଣ କରିବି।' ଅଭିଷେକ ଗୁରୁଜୀଙ୍କ ପାଇଁ ପ୍ରତିଦିନ ସମୟ ଦେଲା। ସେ ଦେବେନ୍ଦ୍ର ବାବୁଙ୍କୁ ପ୍ରକୃତିର କୋଳକୁ ନେଇଯାଏ, ମହାନଦୀର କଳକଳ ଶବ୍ଦ ଶୁଣାଏ, ସୂର୍ଯ୍ୟୋଦୟର ରଙ୍ଗ ଦେଖାଏ। ଦେବେନ୍ଦ୍ର ବାବୁ କେବଳ ମୁହଁରେ ବର୍ଣ୍ଣନା କରନ୍ତି ଏବଂ ଅଭିଷେକ ତାଙ୍କରି ମୁଖରୁ ଶୁଣି କାନ୍ଭାସରେ ରୂପ ଦିଏ। ଏହା କେବଳ ଶିକ୍ଷକ-ଛାତ୍ରର ସମ୍ପର୍କ ନଥିଲା, ଏହା ଥିଲା ଦୁଇଟି ଆତ୍ମାର ମିଳନ ଯେଉଁଠି ଜଣେ ଅନ୍ୟର ଅଧୁରା ସ୍ୱପ୍ନକୁ ନିଜର କରି ନେଇଥିଲା।

ଗାଁରେ ଏହି କଥା ପ୍ରଚାରିତ ହେବା ପରେ ଅନେକ ଯୁବକ ଅଭିଷେକ ସହ ଯୋଗ ଦେଲେ। ସେମାନେ ଦେବେନ୍ଦ୍ର ବାବୁଙ୍କ ଚିତ୍ରଗୁଡ଼ିକୁ ସଜାଡ଼ିଲେ ଏବଂ ଏକ ପ୍ରଦର୍ଶନୀ ଆୟୋଜନ କରିବାକୁ ପ୍ରସ୍ତୁତ ହେଲେ। ପ୍ରଦର୍ଶନୀ ପାଇଁ 'ଶାନ୍ତି ନିବାସ'ର ପରିତ୍ୟକ୍ତ ଘରଟିକୁ ବଛାଗଲା, ଯାହାକୁ କିଛି ଦିନ ପୂର୍ବରୁ ଦେବେନ୍ଦ୍ର ବାବୁ ଗାଁକୁ ଦାନ କରିଦେଇଥିଲେ। ସହରରୁ ଖବର ପାଇ ମାନସୀ ମଧ୍ୟ ଆସି ପହଞ୍ଚିଲା। ବାପାଙ୍କର ଏହି ନିସ୍ୱାର୍ଥପର କାର୍ଯ୍ୟ ଏବଂ ଗାଁର ଲୋକଙ୍କ ଭଲପାଇବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲା। ସେ ଅନୁଭବ କଲା ଯେ ଧନ କେବଳ ସୁଖ ଦିଏ ନାହିଁ, ବରଂ ଆତ୍ମସନ୍ତୋଷ ହିଁ ପ୍ରକୃତ ସୁଖ।

ପ୍ରଦର୍ଶନୀର ଦିନ ଆସିଲା। ଦେବେନ୍ଦ୍ର ବାବୁ ହ୍ୱିଲ୍ ?ଚେୟାରରେ ବସି ନିଜ ଚିତ୍ରଗୁଡ଼ିକୁ ଦେଖୁଥିଲେ, ଯେଉଁଥିରେ 'ବାଲିଝରୀ'ର ପ୍ରତ୍ୟେକ ସ୍ମୃତି ଜୀବନ୍ତ ହୋଇ ଉଠିଥିଲା। ଅଭିଷେକ ତାଙ୍କ ପାଖରେ ଠିଆ ହୋଇଥିଲା। ସେହି ପ୍ରଦର୍ଶନୀ କେବଳ ଚିତ୍ରର ନଥିଲା, ଏହା ଥିଲା ଏକ ନିରବ ଭାବ ବିନିମୟର, ଯେଉଁଠି ଗୋଟିଏ ପ୍ରତିଭା ଅନ୍ୟ ଏକ ପ୍ରତିଭାକୁ ଜୀବନ ଦେଇଥିଲା। ମାନସୀ ତା'ର ଭୁଲ୍ ବୁଝିପାରି ବାପାଙ୍କୁ କ୍ଷମା ମାଗିଲା ଏବଂ ସେହି ଗାଁରେ ରହି ଗାଁ ଲୋକଙ୍କ ସେବା କରିବାକୁ ନିଷ୍ପତ୍ତି ନେଲା। ବାଲିଝରୀ ଗାଁରେ ଏକ ନୂଆ ସୂର୍ଯ୍ୟୋଦୟ ହେଲା। ଦେବେନ୍ଦ୍ର ବାବୁଙ୍କ ଚିତ୍ରଗୁଡ଼ିକ ଆଉ କାନ୍ଭାସ୍‌ରେ ସୀମିତ ନଥିଲା, ସେଗୁଡ଼ିକ ଗାଁର ପ୍ରତ୍ୟେକ ମଣିଷର ହୃଦୟରେ ଏକ ନୂଆ ଆଶା ସୃଷ୍ଟି କରିଥିଲା। ବନ୍ଧୁତା, ମାନବତା ଏବଂ ପ୍ରତିଭାର ଏହି ଅଦ୍ଭୁତ ମିଳନ କାହାଣୀ ପ୍ରମାଣ କଲା ଯେ ନିରବତାରେ ମଧ୍ୟ ଅନେକ କିଛି କହି ହୁଏ ଏବଂ ଜୀବନର ପ୍ରକୃତ ସୁନ୍ଦରତା କେବଳ ଦେବାରେ ହିଁ ମିଳେ।

**ଭୁବନେଶ୍ୱର, ଖୋର୍ଦ୍ଧା**



# ସମୟର ଲୁହ ଓ ମାଟିର ମହକ

**ସୁଜାତା ମହାପାତ୍ର**

ଗାଁର ମଝିରେ ଥିବା ସେହି ପୁରୁଣା ବରଗଛର ଡାଳରେ ଆଜି ମଧ୍ୟ ଅନେକ ପକ୍ଷୀ ନିଜର ବସା ବାନ୍ଧନ୍ତି। ସେହି ବରଗଛ ପାଖରେ ଥିଲା ନାରାୟଣ ମଉସାଙ୍କର ଚା' ଦୋକାନ। ଗାଁର ସକାଳ ନାରାୟଣ ମଉସାଙ୍କ ଚା'ର ମହକ ଏବଂ ତାଙ୍କ ମୁହଁରୁ ବାହାରୁଥିବା କାହାଣୀ ସହିତ ଆରମ୍ଭ ହେଉଥିଲା। ମଉସାଙ୍କର ଗୋଟିଏ ଝିଅ, ନାଁ ତାର ସୁନୀତା। ସୁନୀତା ସୁନ୍ଦରୀ ଥିଲା ଏବଂ ପାଠପଢ଼ାରେ ମଧ୍ୟ ବହୁତ ଭଲ ଥିଲା। ତା'ର ସ୍ୱପ୍ନ ଥିଲା ସହରକୁ ଯାଇ ବଡ଼ ଅଫିସର ହେବା। ନାରାୟଣ ମଉସା ନିଜର ସବୁ ସଞ୍ଚିତ ଅର୍ଥ ଲଗାଇ ସୁନୀତାକୁ ସହର ପଠାଇଥିଲେ।

ସୁନୀତା ସହରରେ ନିଜର ସ୍ୱପ୍ନକୁ ସାକାର କଲା। ସେ ବଡ଼ ଅଫିସର ହେଲା ଏବଂ ସେଠାରେ ଏକ ବଡ଼ କୋଠା ମଧ୍ୟ କିଣିଲା। ଧୀରେ ଧୀରେ ସହରର ଚାକଚକ୍ୟ ଭିତରେ ସେ ଗାଁ ଏବଂ ନାରାୟଣ ମଉସାଙ୍କୁ ଭୁଲିବାକୁ ଲାଗିଲା। ବର୍ଷକୁ ଥରେ କିମ୍ବା ଦୁଇ ଥର ସେ ଗାଁକୁ ଆସୁଥିଲା, କିନ୍ତୁ ସେହି ଆଗ ଭଳି ସ୍ନେହ ଏବଂ ମାଟିର ମହକ ତା' ଭିତରେ ନଥିଲା। ନାରାୟଣ ମଉସା ନିରବରେ ଝିଅର ପରିବର୍ତ୍ତନକୁ ଲକ୍ଷ୍ୟ କରୁଥିଲେ, ତାଙ୍କ ଆଖିରୁ ଲୁହ ଝରୁଥିଲା, କିନ୍ତୁ ସେ କିଛି କହୁ ନଥିଲେ।

ଦିନେ ଗାଁରେ ଏକ ପ୍ରାକୃତିକ ବିପର୍ଯ୍ୟୟ ମାଡ଼ି ଆସିଲା। ପ୍ରବଳ ବର୍ଷା ଏବଂ ବାତ୍ୟା ହେତୁ ମହାନଦୀରେ ବନ୍ୟା ଆସିଲା। ଗାଁର ଅନେକ ଘର ଭାଙ୍ଗିଗଲା, ଚାଷଜମି ନଷ୍ଟ ହୋଇଗଲା। ନାରାୟଣ ମଉସାଙ୍କ ଚା' ଦୋକାନ ଏବଂ ତାଙ୍କର ଛୋଟ ଘରଟି ମଧ୍ୟ ଭାସିଗଲା। ଗାଁ ଲୋକେ ନିଜର ସବୁକିଛି ହରାଇ ଆଶ୍ରୟ ବିହୀନ ହୋଇପଡ଼ିଲେ। ସରକାରୀ ସହାୟତା ପହଞ୍ଚିବା ପାଇଁ ଅନେକ ସମୟ ଲାଗିଲା। ଏହି ସମୟରେ, ଗାଁର ପୁରୁଣା ପୁଅ, ଜଣେ ସାମାଜିକ କର୍ମୀ, ନାମ ତାର ବିଜୟ। ସେ ସହରରେ ରହି ମଧ୍ୟ ଗାଁ ସହ ଯୋଡ଼ି ହୋଇ ରହିଥିଲା। ସେ ତୁରନ୍ତ ଗାଁକୁ ଆସି ରିଲିଫ୍ କାର୍ଯ୍ୟ ଆରମ୍ଭ କଲା।

ନାରାୟଣ ମଉସା ନିଜର ସବୁକିଛି ହରାଇ ଏକ ପୁରୁଣା ମନ୍ଦିରରେ ଆଶ୍ରୟ ନେଇଥିଲେ। ବିଜୟ ମଉସାଙ୍କୁ ଦେଖିଲା ଏବଂ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲା। ବିଜୟର ନିସ୍ୱାର୍ଥପର ସେବା ଦେଖି ନାରାୟଣ ମଉସାଙ୍କ ମନରେ ଆଶାର ସଞ୍ଚାର ହେଲା। ବିଜୟ ସୁନୀତାକୁ ବାରମ୍ବାର ଫୋନ୍ କରି ଗାଁର ଦୁର୍ଦ୍ଦଶା ବିଷୟରେ ଜଣାଇଲା, କିନ୍ତୁ ସୁନୀତା କହିଲା, 'ମୁଁ ବହୁତ ବ୍ୟସ୍ତ ଅଛି, ଏବେ ଆସିପାରିବି ନାହିଁ।'

କିଛି ଦିନ ପରେ ସୁନୀତାର ମନରେ ଏକ ଦ୍ୱନ୍ଦ୍ୱ ସୃଷ୍ଟି ହେଲା। ସେ ଯେଉଁ ସହରରେ ରହୁଥିଲା, ସେଠାରେ ସବୁକିଛି ଥିଲା, କିନ୍ତୁ ଶାନ୍ତି ନଥିଲା। ଗାଁର ସେହି ମାଟିର ମହକ ଏବଂ ବାପାଙ୍କ ନିରବ ଲୁହ ତାକୁ ବାରମ୍ବାର ମନେ ପଡୁଥିଲା। ସେ ନିଜର ଭୁଲ୍ ବୁଝିପାରିଲା। ଦିନେ ସେ ନିଜର ସବୁ କାର୍ଯ୍ୟ ଛାଡ଼ି ଗାଁକୁ ଫେରି ଆସିଲା।

ଗାଁରେ ପହଞ୍ଚି ସେ ଯେତେବେଳେ ନାରାୟଣ ମଉସାଙ୍କୁ ମନ୍ଦିରରେ ଦେଖିଲା, ତା' ଆଖିରୁ ଲୁହ ଝରିଗଲା। ସେ ବାପାଙ୍କ ପାଦ ତଳେ ପଡ଼ି କ୍ଷମା ମାଗିଲା। ନାରାୟଣ ମଉସା ଝିଅକୁ କୁଣ୍ଢାଇ କହିଲେ, 'ମୁଁ ଜାଣିଥିଲି, ତୁ ଦିନେ ନା ଦିନେ ନିଜ ମାଟିକୁ ଫେରିବୁ।'

ସୁନୀତା ଗାଁରେ ରହିଲା। ସେ ବିଜୟ ଏବଂ ଗାଁ ଲୋକଙ୍କ ସହିତ ମିଶି ଗାଁର ପୁନଃନିର୍ମାଣ କାର୍ଯ୍ୟରେ ଲାଗିପଡ଼ିଲା। ସହରରେ ଥିବା ତା'ର ସମ୍ପର୍କ ଏବଂ ପ୍ରଭାବକୁ ବ୍ୟବହାର କରି ସେ ଗାଁ ପାଇଁ ସରକାରୀ ସହାୟତା ଏବଂ ସ୍ୱେଚ୍ଛାସେବୀଙ୍କ ସାହାଯ୍ୟ ଆଣିଲା। ଧୀରେ ଧୀରେ ବାଲିଝରୀ ଗାଁ ପୁଣି ଥରେ ନିଜ ପୁରୁଣା ସ୍ୱରୂପକୁ ଫେରିଲା। ନୂଆ ଘର ତିଆରି ହେଲା, ଚାଷଜମିର ପୁନରୁଦ୍ଧାର ହେଲା ଏବଂ ପିଲାମାନେ ପୁଣି ଥରେ ହସିବାକୁ ଲାଗିଲେ।

ନାରାୟଣ ମଉସାଙ୍କ ଚା' ଦୋକାନ ପୁଣି ଖୋଲିଲା। ଏବେ ସୁନୀତା ମଧ୍ୟ ସେଠାରେ ବାପାଙ୍କୁ ସାହାଯ୍ୟ କରେ। ସେ ବୁଝିପାରିଥିଲା ଯେ ପ୍ରକୃତ ସୁଖ କୋଠା କିମ୍ବା ପଦପଦବୀରେ ନଥାଏ, ଏହା ଥାଏ ନିଜ ମାଟି, ପରିବାର ଏବଂ ସମାଜ ପାଇଁ କିଛି କରିବାରେ। ସମୟର ଲୁହ ଶୁଖି ଯାଇଥିଲା ଏବଂ ମାଟିର ମହକ ପୁଣି ଥରେ ସମସ୍ତଙ୍କ ମନରେ ନୂଆ ଆଶା ସଞ୍ଚାର କରିଥିଲା। ବରଗଛର ଡାଳରେ ଏବେ ଅଧିକ ପକ୍ଷୀ ବସା ବାନ୍ଧୁଥିଲେ, ସତେ ଯେମିତି ସେମାନେ ମଧ୍ୟ ଏହି ମାନବୀୟ କାହାଣୀର ସାକ୍ଷୀ ହୋଇ ରହିବାକୁ ଚାହୁଁଥିଲେ।

**ଜଗନ୍ନାଥ ବିହାର, ଭୁବନେଶ୍ୱର**

## ମଣିଷପଣିଆ

ମନ୍ଦିର ମସଜିଦ୍ ବୁଲି ବୁଲି କ୍ଳାନ୍ତ,
ଖୋଜୁଛ କାହିଁକି ପଥରରେ
ଭଗବାନ ?
ଜଳାଞ୍ଜଳି ଦେଇ ସବୁ ସ୍ୱାର୍ଥପରତା,
ଜାଗ୍ରତ କର ହେ ଆଗେ
ମଣିଷପଣିଆ।
କାହାର ଆଖିରୁ ଲୁହ ଟିକେ ପୋଛି,
ଓଠରେ ଫୁଟାଅ ହସର ଲହରୀ,
ସେଇଠି ପାଇବ ସତ୍ୟର ସନ୍ଧାନ,
ସେଇଠି ଅଛି ସେ ଜଗତର ଜାରି।

**ଶୁଭ୍ରାଂଶୁ ଶେଖର ସାହୁ**
ସାକ୍ଷୀଗୋପାଳ, ପୁରୀ

## ଜୀବନର ଫେରିବାଲା

କିଛି ସ୍ମୃତି ଆଉ କିଛି ସପନକୁ
ମୁଣ୍ଡାଇ,
ପଥେ ପଥେ ଚାଲେ ଏଇ ଜୀବନର
ଫେରିବାଲା,
କେବେ ପାଇବାର ଖୁସି ତ କେବେ
ହଜାଇବାର ଦୁଃଖ,
ଏଇମିତି ତ ସଂସାରର ସବୁଠୁ
ପୁରୁଣା ଖେଳା।
ପକେଟ୍‌ରେ ଭରା ଅଛି ଅଧୁରା
ଅନେକ ଆଶା,
ଓଠରେ ତା'ର ଖୋଜେ ସେ ହଜିଲା
ମିଠା ଭାଷା,
ସହରର ଭିଡ଼ ଭିତରେ ସେ ବି
ପାଲଟିଛି ଏକ ଯନ୍ତ୍ର,
ଯେଉଁଠି ପ୍ରେମଠାରୁ ବଡ଼ ପାଲଟିଛି
ସ୍ୱାର୍ଥର ମନ୍ତ୍ର।
ସେ କାହିଁକି ବୁଝେନା ଏଠି କେହି
ରହିବେନି ଚିରକାଳ,
ଖସିଯିବ ଦିନେ ହାତରୁ ଏଇ ଧନ
ସମ୍ପତ୍ତିର ଜାଲ,
ମୁଠାଏ ମାଟିର ଦେହ ତ ଆମର
ଦିନେ ମାଟିରେ ମିଶିବ,
ଖାଲି ହାତରେ ଆସିଛେ ବନ୍ଧୁ, ଖାଲି
ହାତରେ ହିଁ ଯିବାକୁ ହେବ।
ତଥାପି ସେ ସଂଗ୍ରାମ କରେ ନୂଆ
ଏକ ଭୋର ପାଇଁ,
କେଉଁ ଅଜଣା ରାସ୍ତାରେ ନିଜ ସ୍ଥିତିକୁ
ଖୋଜିବା ପାଇଁ,
କଷ୍ଟ ଆସିଲେ ବି ସେ ହାରିଯାଏ
ନାହିଁ କେବେ,
ଧୈର୍ଯ୍ୟର ସହ ବାଟ ଚାଲେ,
ସଫଳତା ମିଳିବ ବୋଲି ଭାବେ।

**ସିଦ୍ଧାର୍ଥ ମହାପାତ୍ର**
ବ୍ରହ୍ମପୁର, ଗଞ୍ଜାମ

## ବାପା

ବଟବୃକ୍ଷ ପରି ଯିଏ ସଦାବେଳେ,
ସହି ନିଅନ୍ତି ସବୁ ଖରା ଓ ବର୍ଷା,
ନିଜ ସୁଖକୁ ସେ ପଛରେ ପକାଇ,
ଗଢ଼ନ୍ତି ପିଲାର ଅଗଣିତ ଭରସା।
କଠୋର ବାହାରେ କୋମଳ
ଭିତରେ,
ଆଖିରେ ତାଙ୍କର ଉଜ୍ଜ୍ୱଳ ସପନ,
ବାପାଙ୍କ ତ୍ୟାଗର ମୂଲ୍ୟ କେହି
ଦେବେ ?
ସେ ତ ସଂସାରର ଶ୍ରେଷ୍ଠ ପୁଞ୍ଜିଧନ।

**ସୁଶ୍ରୀ ରାଉଳ**
ମେଣ୍ଢାଶାଳ, ଜଗତସିଂହପୁର



# ଟ୍ରେଣ୍ଡି ଶୁଜ୍

**ଇଣ୍ଡିଆନ୍ ହେଉକି ୱେଷ୍ଟର୍ନ ଆଜିକାଲି ପ୍ରାୟ ସବୁ ଟାଇପ୍ର ଆଉଟ୍ଫିଟ୍ ସାଙ୍ଗେ ଶୁଜ୍ ପିନ୍ଧିବାର ଫ୍ୟାଶନ ଚାଲିଛି । ଏପରିକି ବ୍ରାଇଡାଲ୍ ଲୁକ୍ରେ ବି ଝିଅମାନେ ଲେହେଙ୍ଗା ସାଙ୍ଗରେ ସୁନ୍ଦର କାରୁକାର୍ଯ୍ୟବାଲା ଶୁଜ୍ ପିନ୍ଧିବାକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ତେଣୁ ଏଠାରେ ସେମିତି କିଛି ଟ୍ରେଣ୍ଡିଶୁଜ୍ ସମ୍ପର୍କରେ ଉଲ୍ଲେଖ କରାଯାଉଛି; ଯାହାକୁ ଇଣ୍ଡିଆନ୍ ହେଉକି ୱେଷ୍ଟର୍ନ ଆଉଟ୍ଫିଟ୍ ସାଙ୍ଗେ ଆରାମରେ କ୍ୟାରି କରିହେବ ।**

ସମୟାନୁସାରେ କେବଳ ଆଉଟ୍ଫିଟ୍ର ଫ୍ୟାଶନ ବଦଳେନି, ଜୁଏଲେରି, ହେୟାର୍ ଷ୍ଟାଇଲ୍ ଏପରିକି ଫୁର୍ ବି ନୂଆ ନୂଆ ଟ୍ରେଣ୍ଡ ଆସିଥାଏ । ସେଥିପାଇଁ ଲାଟେଷ୍ଟ ଫ୍ୟାଶନ ସାଙ୍ଗରେ ସବୁବେଳେ ଅପଡ଼େଟ୍ ରହିବା ଆବଶ୍ୟକ; ଯଦ୍ୱାରା ନୂଆ ଆଉ ଫ୍ରେଶ୍ ଲୁକ୍ ମିଳିପାରିବ । କୌଣସି ପାର୍ଟି ଅଥବା ଟୁର୍ରେ ଯିବାବେଳେ ଆଉଟ୍ଫିଟ୍ର ଚୟନ ଯେତିକି ଜରୁରୀ ହୋଇଥାଏ, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ଠିକ୍ ଫୁଟ୍ୱେର୍ର ସିଲେକ୍ସନ୍ କରିବା । କାରଣ ଅକେଜନ୍ ଅନୁଯାୟୀ, ପରଫେକ୍ଟ ଫୁଟ୍ୱେର୍ ନ ପିନ୍ଧିଲେ ଲୁକ୍ ଓ କମ୍ଫର୍ଟ ଯେମିତି ବିଗିଡ଼ିଯାଏ, ସେମିତି ଠିକ୍ ଫୁଟ୍ୱେର୍ର ଚୟନ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଆହୁରି ସୁନ୍ଦର କରିଥାଏ । ପୂର୍ବେ କେବଳ ୱେଷ୍ଟର୍ନ ଆଉଟ୍ପିଟ୍ ସାଙ୍ଗରେ ଶୁଜ୍ ପିନ୍ଧିବାର ଟ୍ରେଣ୍ଡ ଥିଲା, କିନ୍ତୁ ଆଜିକାଲି ଇଣ୍ଡିଆନ୍ ଆଉଟ୍ଫିଟ୍ ସାଙ୍ଗରେ ବି ଶୁଜ୍କୁ ପେୟାର୍ କରାଯାଉଛି । ଏପରିକି କିଛି ଯୁବତୀ ୱେଡିଂ ଫଙ୍କସନ୍ରେ ବି ଲେହେଙ୍ଗା ସାଙ୍ଗରେ ଶୁଜ୍ ପିନ୍ଧୁଥିବାର ଦେଖିବାକୁ ମିଳୁଛି । ଜାଣନ୍ତୁ ସେଭଳି କିଛି ଟ୍ରେଣ୍ଡି ଶୁଜ୍ ସମ୍ପର୍କରେ; ଯାହାକୁ ଉଭୟ ଇଣ୍ଡିଆନ୍ ଓ ୱେଷ୍ଟର୍ନ ଆଉଟ୍ଫିଟ୍ ସାଙ୍ଗରେ ପିନ୍ଧିହେବ...

* ସ୍ନିକର୍ସ ଗ୍ଲିଟରି ଶୁଜ୍: ନାଁରୁ ହିଁ ଜାଣିପାରୁଥିବେ ଯେ, ଏହି ସ୍ନିକର୍ସ ଦେଖିବାକୁ କେତେ ସୁନ୍ଦର ଲାଗୁଥିବ । ବିଭିନ୍ନ ରଙ୍ଗ ଆଉ ଭିନ୍ନ ଭିନ୍ନ ଡିଜାଇନ୍ରେ ଆସୁଥିବା ଏହି ଗ୍ଲିଟରିଂ ସ୍ନିକର୍ସ ଶୁଜ୍କୁ ଝିଅମାନେ ଚାହିଁଲେ ସାଲୱାର୍ ସୁଟ୍, ଶାଢ଼ି, ସ୍କର୍ଟ, ଜିନ୍ସ ହେଉ ଅଥବା ଯେ କୌଣସି ୱାନ୍ ପିସ୍ ଡ୍ରେସ୍ ସହ ମ୍ୟାଚିଂ କରି ପିନ୍ଧିପାରିବେ । ଏହା ସେମାନଙ୍କୁ କୁଲ୍, କମ୍ଫର୍ଟେବଲ୍ ଲୁକ୍ ଦେଇଥାଏ ।

* ଜୁତି ଷ୍ଟାଇଲ୍ ଶୁଜ୍: ଆଜିକାଲି ଜୁତି ଷ୍ଟାଇଲ୍ ଶୁଜ୍ର ବି ଭଲ ଚାହିଦା ରହୁଥିବା ଦେଖିବାକୁ ମିଳୁଛି । ଏହି ଟାଇପ୍ର ଶୁଜ୍କୁ ଉଭୟ ଏଥନିକ୍ ହେଉକି ୱେଷ୍ଟର୍ନ ଆଉଟ୍ଫିଟ୍ ସହ ଆରାମରେ କ୍ୟାରି କରିହୁଏ । ଏହି ଶୁଜ୍ ବି ବିଭିନ୍ନ ରଙ୍ଗ ଓ ଡିଜାଇନ୍ରେ ଉପଲବ୍ଧ ହୋଇଥାଏ । ଖାସ୍କରି ଏହି ଟାଇପ୍ର ଶୁଜ୍ ସାଙ୍ଗକୁ ମେଟାଲ୍ ଜୁଏଲେରି ବେଶ୍ ଭଲ ମାନିଥାଏ । ଇଭିନିଂ ପାର୍ଟିରେ ଏହି ଷ୍ଟାଇଲ୍କୁ ଫଲୋ କଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ ।

* ହେଭି ୱାର୍କ ସ୍ନିକର୍ସ; ଏବେର ଫ୍ୟାଶନ ଟ୍ରେଣ୍ଡରେ ଟିକେ ଡିଫରେଣ୍ଟ ବ୍ରାଇଡାଲ୍ ଲୁକ୍ ପାଇଁ ଅନେକ ଝିଅ ଲେହେଙ୍ଗା ସାଙ୍ଗରେ ହେଭି ୱାର୍କବାଲା ପ୍ଲାଟଫର୍ମ ସ୍ନିକର୍ସ ପିନ୍ଧିବାକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ଏହି ଟାଇପ୍ର ଶୁଜ୍ ଅନ୍ୟ ଶୁଜ୍ ତୁଳନାରେ ଟିକେ ମହଙ୍ଗା ହୋଇଥାଏ ସତ କିନ୍ତୁ କ୍ୟାରି କରିବାରେ ବେଶ୍ କମ୍ଫର୍ଟେବଲ୍ ଲାଗେ । କେବଳ ପ୍ଲାଟଫର୍ମ ସ୍ନିକର୍ସ କାହିଁକି, ଆଉଟ୍ ?ଷ୍ଟାଣ୍ଡିଂ ବ୍ରାଇଡାଲ୍ ଲୁକ୍ ପାଇଁ ଝିଅମାନେ ଚାହିଁଲେ ଏହି ଖାସ୍ ଅବସରରେ ୱେଷ୍ଟର୍ନ ୱେଡିଂ ଆଉଟ୍ଫିଟ୍ ସହ ଭଲ ଡିଜାଇନ୍ବାଲା ଲାଇଟ୍ ୱେଟ୍ ଲୋଫର୍ ଶୁଜ୍, ଗୋଲ୍ଡେନ୍ କଲର୍ ସ୍ନିକର୍ସ ଶୁଜ୍, ୱେଜେଜ୍ ଷ୍ଟାଇଲ୍ ଶୁଜ୍ ବି ଟ୍ରାଏ କରିପାରିବେ ।

* ବୁଟ୍ ଷ୍ଟାଇଲ୍ ଶୁଜ୍: ଆଜିକାଲି ଝିଅମାନଙ୍କ ଭିତରେ ବୁଟ୍ ଷ୍ଟାଇଲ୍ ଶୁଜ୍ର ବି ଭଲ ଡିମାଣ୍ଡ ରହୁଥିବା ଦେଖିବାକୁ ମିଳୁଛି । ଏହା ବିଭିନ୍ନ ଡିଜାଇନ୍ ଓ ଫାବ୍ରିକ୍ରେ ଯେମିତିକି ଲେଦର୍, ଭେଲ୍ଭେଟ୍ ଆଦି ଷ୍ଟାଇଲ୍ରେ ବି ଉପଲବ୍ଧ ହୋଇଥାଏ । ଏହି ଟାଇପ୍ର ଶୁଜ୍କୁ ମଧ୍ୟ ଝିଅମାନେ ଚାହିଁଲେ ଡିଫରେଣ୍ଟ ଟାଇପ୍ର ଇଣ୍ଡିଆନ୍ ଆଉଟ୍ଫିଟ୍ ହେଉକି ୱେଷ୍ଟର୍ନ ଆଉଟ୍ଫିଟ୍ ସହ ଆରାମରେ କ୍ୟାରି କରି ସ୍ମାର୍ଟ ଲୁକ୍ ପାଇପାରିବେ ।



# ଗୃହିଣୀଙ୍କ ପାଇଁ ଘରକରଣା

***ମୁଖ୍ୟଦ୍ୱାର :*** ଘରର ପ୍ରବେଶ କକ୍ଷ ହିଁ ଆପଣଙ୍କ ବ୍ୟକ୍ତିତ୍ୱକୁ ପ୍ରମାଣିତ କରିବା ପାଇଁ ଯଥେଷ୍ଟ । ତେଣୁ ପ୍ରତିଦିନର ଦିନଚର୍ଯ୍ୟାରେ ଘରର ମୁଖ୍ୟଦ୍ୱାର ଓ ଏହାର ଆଖପାଖକୁ ସଫାସୁତୁରା ରଖିବାକୁ ଚେଷ୍ଟା କରନ୍ତୁ । ସାମ୍ନାରେ କୌଣସି ଅଯଥା ଆସବାବପତ୍ର ରଖି ନକାରାତ୍ମକ ଚିନ୍ତା ସୃଷ୍ଟିରୁ ବିରତ ରହନ୍ତୁ ।

***ଡିସ୍ ଟାୱେଲ୍:*** ଆଜିକାଲି ସମସ୍ତଙ୍କ ରୋଷେଇ ଘରେ ଡିସ୍ ଟାୱେଲ୍ ବା ହାତ ପରିଷ୍କାର କରିବା କପଡ଼ାର ବ୍ୟବହାର ହେଉଛି । ମାତ୍ର ରୋଷେଇ ସମୟରେ ଗୃହିଣୀମାନେ ଏଥିରେ ହାତ ପୋଛି ପରମୁହୂର୍ତ୍ତରେ ସେହି ଟାୱେଲ୍ରେ ହିଁ ବାସନ ପୋଛି ଖାଦ୍ୟ ପରଷିବାରେ ଲାଗିଯାଆନ୍ତି । ନିୟମିତ ଭାବେ ସଫା କରିବାକୁ ବି ଧ୍ୟାନ ଦିଅନ୍ତିନି । ତେଣୁ ପ୍ରତିଦିନର ରୋଷେଇ କାମ ସାରିବା ପରେ ଏହି ଡିସ୍ ଟାୱେଲ୍କୁ ଯେଭଳି ସଫା କରିବାକୁ ନଭୁଲନ୍ତି ।

***ରୋଷେଇ ଓ ଗାଧୁଆ ଘର ବେସିନ୍:*** ଉଭୟ ରୋଷେଇ ଓ ଗାଧୁଆ ଘର ବେସିନ୍ରେ ଖୁବ୍ କମ୍ ସମୟରେ ମଇଳା ଜମିଯାଏ । ଏଥିସହ ବ୍ୟାକ୍ଟେରିଆଙ୍କ ସଂଖ୍ୟା ବଢ଼ିଚାଲେ । ତେଣୁ ପ୍ରତିଦିନ ବେସିନ୍କୁ ଜୀବାଣୁ ମୁକ୍ତ ପାଇଁ ସ୍ପ୍ରେ ପକାଇବା ସହ କପଡ଼ା ବା ବ୍ରସ୍ରେ ପରିଷ୍କାର କରନ୍ତୁ ।

***ସ୍ପଞ୍ଜ୍ :*** ଅନେକ ହୁଏତ ଜାଣିନଥିବେ, ସ୍ପଞ୍ଜ୍ ବ୍ୟବହାର ହେଉଥିବା ଘରେ ବ୍ୟାକ୍ଟେରିଆଙ୍କ ମାତ୍ରା ବହୁ ଅଧିକ ଥାଏ । ତେଣୁ ଯଦି ସ୍ପଞ୍ଜ୍ କୌଣସି କାମରେ ବ୍ୟବହାର କରୁଥାନ୍ତି ତାହାଲେ ଭଲ କମ୍ପାନୀର ସ୍ପଞ୍ଜ୍ ବ୍ୟବହାର କରିବା ସହ ଏହାକୁ ପ୍ରତିଦିନ ଭଲ ଭାବେ ପରିଷ୍କାର କରି ରଖିବା ଉଚିତ୍ ।

***ପର୍ସର ତଳଭାଗ :*** ସାଧାରଣ ଭାବେ ଯେଉଁ ମହିଳାମାନେ ଅଧିକାଂଶ ସମୟ ବାହାରେ ରହୁଥାନ୍ତି ସେମାନଙ୍କ ପର୍ସ ବି ସେତିକି ସମୟ ଏଠିସେଠି ରହେ । କେବେକେବେ ରେଷ୍ଟୁରାଣ୍ଟ୍ର ଚଟାଣ, ସର୍ବସାଧାରଣ ବାଥ୍ରୁମ୍ରେ ବି ଝୁଲି ରହେ । ତେଣୁ ଜୀବାଣୁତକ ପର୍ସ ବା ବ୍ୟାଗ୍ ସାହାଯ୍ୟରେ ଘର ଭିତରକୁ ପ୍ରବେଶ କରିଦିଅନ୍ତି । ଏଥିପାଇଁ ଆପଣ ପ୍ରତିଦିନ ଏହାକୁ ଟିସୁ ପେପର୍ ସହାୟତାରେ ସଫାସୁତୁରା କରିଦିଅନ୍ତୁ ।

***ରିମୋଟ୍ କଣ୍ଟ୍ରୋଲ୍ :*** ଟିଭି ରିମୋଟ୍ ହେଉ କି ଏସି ରିମୋଟ୍ ଏସବୁକୁ ସମସ୍ତେ ନିଶ୍ଚିତ ଭାବେ ଏକ କଭର୍ ଭିତରେ ରଖି ବ୍ୟବହାର କରୁଥିବାର ଦେଖାଯାଏ । ମାତ୍ର ମାସମାସ ଧରି ଗୋଟିଏ କଭର୍ରେ ଏହା ରହୁଥିବାରୁ ଏହା ଭିତରକୁ ବ୍ୟାକ୍ଟେରିଆ ପ୍ରବେଶ କରିବା ସାଧାରଣ କଥା । ତେଣୁ ପ୍ରତିଦିନ ଶୋଇବା ପୂର୍ବରୁ ରିମୋଟ୍ କଣ୍ଟ୍ରୋଲ୍ ବା ସେଲ୍ଫୋନ୍ଗୁଡ଼ିକୁ କପଡ଼ାରେ ପୋଛି ରଖନ୍ତୁ ।



# କେଶର ବିଶେଷ ଯତ୍ନ

କେଶକୁ ଭଲ ଓ ସୁନ୍ଦର ରଖିବା ଲାଗି ବହୁତ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଟିକେ ବି ଦାୟିତ୍ୱହୀନତା କେଶକୁ ଡ୍ରାଏ ଓ ଡ୍ୟାମେଜ୍ କରିପାରେ । ଯଦି ଭଲ ଭାବେ ଧ୍ୟାନ ରଖିବା ପରେ ମଧ୍ୟ ଉତ୍ତମ ଫଳାଫଳ ମିଳୁନାହିଁ, ତେବେ ଏହାର ଅର୍ଥ ହେଉଛି କେଉଁଠି ନା କେଉଁଠି କିଛି ଭୁଲ୍ ରହୁଛି ।

***ଓଦା କେଶରେ ଷ୍ଟାଇଲିଂ ଆଇରନ୍ ବ୍ୟବହାର କରନ୍ତୁନି***

ଓଦା କେଶ ବହୁତ ଦୁର୍ବଳ ହୋଇଥାଏ । ତେଣୁ ହିଟ୍ ଷ୍ଟାଇଲିଂ ବ୍ୟବହାର କରିବା ପୂର୍ବରୁ କେଶକୁ ସମ୍ପୂର୍ଣ୍ଣ ଭାବେ ଶୁଖିବାକୁ ଦିଅନ୍ତୁ । ଓଦା କେଶକୁ ପାନିଆରେ ମଧ୍ୟ କୁଣ୍ଡାନ୍ତୁ ନାହିଁ । ଏପରି କରିବା ଦ୍ୱାରା କେଶ ଦୋମୁହାଁ ଓ ଦୁର୍ବଳ ହୋଇଯାଇଥାଏ ।

***କେଶକୁ ଅଧିକ ଧୁଅନ୍ତୁ ନାହିଁ***

ଯଦି ଆପଣ ଚାହୁଁଛନ୍ତି କେଶ ଡ୍ରାଏ ନହେଉ, ତେବେ ଏଥିରେ ନ୍ୟାଚୁରାଲ୍ ଅଏଲ୍ ରହିବା ଦରକାର । କେଶ ଅଧିକ ଥର ଧୋଇବା ଫଳରେ ଏହା ଅଧିକ ଡ୍ୟାମେଜ୍ ହୋଇପାରେ । କେଶକୁ ସପ୍ତାହରେ ଅତିବେଶୀରେ ୪ ଥର ଧୁଅନ୍ତୁ । ଯଦି କେଶ ଅଧିକ ଚିକଣିଆ ଲାଗୁଛି, ତେବେ ଡ୍ରାଏ ଶାମ୍ପୁ ମଧ୍ୟ ବ୍ୟବହାର କରିପାରିବେ ।

***କେଶକୁ ହିଟ୍ରୁ ଦୂରେଇ ରଖନ୍ତୁ***

ଆଜିକାଲି ହିଟ୍ ଷ୍ଟାଇଲିଂ ଟୁଲ୍ସଠାରୁ ପୂରାପୁରି ଦୂରେଇ ରହିବା ସମ୍ଭବ ନୁହେଁ । ଅଲଗା ଅଲଗା ଆଉଟଫିଟ୍ ସହିତ ଭିନ୍ନ ଭିନ୍ନ ହେୟାରଷ୍ଟାଇଲ୍ କରିବାକୁ ପଡ଼ିଥାଏ । କିନ୍ତୁ ଏହାକୁ ଅଭ୍ୟାସରେ ପକାନ୍ତୁ ନାହିଁ । କେଶକୁ ଡ୍ରାଏ କରିବା ଲାଗି କୁଲ୍ କିମ୍ବା ମିଡିଅମ୍ ସେଟିଙ୍ଗ ରଖନ୍ତୁ ।

***କେଶକୁ ଟାଇଟ୍ କରି ବାନ୍ଧନ୍ତୁନି***

ଯଦି ଆପଣ କେଶକୁ ଅଧିକ ଟାଇଟ୍ କରି ବାନ୍ଧୁଛନ୍ତି, ତେବେ ଏହାଦ୍ୱାରା କେଶ ଝଡ଼ିବା ଆରମ୍ଭ ହୋଇଯିବ । କେଶରେ ପବନ ପାସ୍ କରିବା ଲାଗି ସୁବିଧା ରଖନ୍ତୁ । ନିଜ କେଶର ପାଟିନିଙ୍ଗକୁ ମଧ୍ୟ ବଦଳାଇବା ଉଚିତ । ନଚେତ୍ କେଶ ଚନ୍ଦା ହେବା ଭଳି ଦେଖାଯିବ ।

***ଠିକ୍ ପାନିଆ ବ୍ୟବହାର କରନ୍ତୁ***

କେଶ କୁଣ୍ଡାଇବା ଲାଗି ଉପଯୁକ୍ତ ପାନିଆ ବ୍ୟବହାର କରନ୍ତୁ । ନଚେତ ଏହା କେଶ ଉପୁଡ଼ିବାର କାରଣ ମଧ୍ୟ ହୋଇପାରେ । ତେଣୁ ଭଲ ପାନିଆ କିଣନ୍ତୁ । ମନେରଖନ୍ତୁ ସବୁବେଳେ କେଶର ଅଡୁଆ ନିମ୍ନପାର୍ଶ୍ୱରୁ ଛଡ଼ାନ୍ତୁ, ତାପରେ ଯାଇ କେଶର ମୂଳ ପଟୁ କୁଣ୍ଡାନ୍ତୁ ।

# ଚେହେରା ମନେପଡ଼େ ହେଲେ ନାଁ ମନେପଡ଼େନି



**ବେଳେବେଳେ କାହାକୁ ଦେଖିଲେ ତାଙ୍କ ଚେହେରା ଚିହ୍ନା ଚିହ୍ନା ଲାଗେ। ହେଲେ ମନେ ପଡ଼ି ନ ଥାଏ ସେହି ବ୍ୟକ୍ତିଙ୍କ ନାମ କେବେ ଭାବିଛନ୍ତି କି ଏଭଳି କାହିଁକି ହୁଏ ? ଏଥର ଜାଣିବା ଏହି ପ୍ରଶ୍ନର ଉତ୍ତର...**

ଏମିତି ଅନେକ ସମୟରେ ହୁଏ ବାଟେଘାଟେ କେହି ଦେଖାହେଲେ ଚେହେରା ଚିହ୍ନା ଲାଗେ ସିନା ନାଁ ମନେ ପଡ଼ି ନ ଥାଏ। ଏମିତି କାହିଁକି ହୁଏ ଅନେକେ ଜାଣି ନ ଥାଆନ୍ତି। କେବଳ ନିଜର ସ୍ମରଣ ଶକ୍ତି ଦୁର୍ବଳ ବୋଲି ଭାବନ୍ତି। ତେବେ ଏହା ପଛର କାରଣ କ’ଣ ?

ପ୍ରକୃତ କଥା ହେଲା ନାଁ ମନେ ନ ରହିବା, ହେଲେ ଚେହେରା ମନେରହିବା ହେଉଛି ଏକ ସାମାନ୍ୟ ମନୋବୈଜ୍ଞାନିକ ସ୍ଥିତି। ଯାହାକୁ ଆମେ କେବେ ନା କେବେ ଅନୁଭବ କରିଥାଉ। ଏହାପଛର କାରଣ ଆମ ମସ୍ତିଷ୍କର କାର୍ଯ୍ୟ ପ୍ରଣାଳୀ, ସ୍ମରଣଶକ୍ତି ଓ ତଥ୍ୟକୁ ପ୍ରୋସେସ୍ କରିବାର ପଦ୍ଧତି ସହ ଜଡ଼ିତ। ମଣିଷର ମସ୍ତିଷ୍କ ନିଜ ପଦ୍ଧତିରେ ତଥ୍ୟକୁ ପ୍ରୋସେସ୍ କରିଥାଏ। ଚେହେରା ଓ ନାଁକୁ ଚିହ୍ନିବାର ପ୍ରକ୍ରିୟା ଭିନ୍ନ ଭିନ୍ନ ହୋଇଥାଏ। ଚେହେରା ଓ ନାଁ ଉଭୟ ଭିନ୍ନ ଭିନ୍ନ ସୂଚନା। ଯାହାକୁ ଆମେ ଭିନ୍ନ ଭିନ୍ନ ଉପାୟରେ ମନେରଖୁ। ଚେହେରାକୁ ଚିହ୍ନିବା ଲାଗି ବ୍ୟକ୍ତିଙ୍କ ଶାରୀରିକ ବିଶେଷତ୍ୱ ଯେମିତିକି ଆଖି, ନାକ, ଓଠ, ଚେହେରା ଓ ଚେହେରାର ବିଭିନ୍ନ ଅଙ୍ଗକୁ ଏକାସହିତ ଯୋଡ଼ି ଚିହ୍ନିଥାଉ। ଆମର ମସ୍ତିଷ୍କ ଚେହେରାକୁ ଚିହ୍ନିବା ଲାଗି ଏକ ଖାସ୍ ପ୍ରଣାଳୀ ବ୍ୟବହାର କରିଥାଏ, ଯାହାକୁ ଫେସ୍ ଇନହିବିସନ୍ ସିଷ୍ଟମ୍ କୁହାଯାଏ। ଏହି ପ୍ରଣାଳୀ ଦ୍ୱାରା ଚେହେରାର ପ୍ରତି ଛୋଟ ଡିଟେଲ ମସ୍ତିଷ୍କ ସହ ଯୋଡ଼ିହୋଇଥାଏ। ଯେମିତିକି ଆଖି କିଭଳି, ଚେହେରାର ଗଢ଼ଣ କେମିତି, ତ୍ୱଚାର ରଙ୍ଗ କିଭଳି ଆଦି। ଏହି ପ୍ରକ୍ରିୟାରେ ମସ୍ତିଷ୍କର ଫୁଜିଫର୍ମ କୋର୍ଟେକ୍ସ ନାମକ ଅଂଶ ପ୍ରମୁଖ ଭୂମିକା ତୁଲାଇଥାଏ। ଯାହାକି ଚେହେରା ମନେରଖିବା ଓ ଚିହ୍ନିବାରେ ସାହାଯ୍ୟ କରିଥାଏ। ଏହି ପ୍ରକ୍ରିୟା ଏତେ ଶୀଘ୍ର ଓ ପ୍ରଭାବୀ ହୋଇଥାଏ ଯେ, ଆମେ ବେଶି କଷ୍ଟ ନ କରି ଅନ୍ୟର ଚେହେରା ଚିହ୍ନିଯାଉ। ଏହି କାରଣରୁ ହିଁ ଆମେ କାହାକୁ ଥରେ ଦେଖିଲେ ତାଙ୍କ ଚେହେରା ମନେ ରହିଯାଏ। ସେ ନାଁ ମନେ ଥାଉ ଅବା ନ ଥାଉ।






ଅନ୍ୟପକ୍ଷେ ନାଁକୁ ଚିହ୍ନିବା ଓ ମନେ ରଖୁବା ପ୍ରକ୍ରିୟା କିଛିଟା ଭିନ୍ନ। ନାଁ ହେଉଛି ଏକ ଅବଷ୍ଟ୍ରାକ୍ଟ ଇନପୁଟ୍ ବା ଥିଓରେଟିକାଲ ଇନଫର୍ମେଶନ୍। ଯାହାର କୌଣସି ଶାରୀରିକ ରୂପ ନ ଥାଏ। ନାଁକୁ ମନେ ରଖିବା ଲାଗି ଆମକୁ ଖାସ୍ କରି ସେହି ନାମ ସହିତ ଜଡ଼ିତ ବ୍ୟକ୍ତିତ୍ୱ ଅବା ଭାବନାକୁ ଯୋଡ଼ିବାକୁ ପଡ଼ିଥାଏ। ମସ୍ତିଷ୍କକୁ ନାଁ ମନେରଖିବା ଲାଗି ଅଧିକ ସମୟ ଲାଗିଥାଏ। କାରଣ ଏହା କୌଣସି ଦୃଶ୍ୟ ଅବା ବାର୍ତ୍ତା ବିନା ହୋଇଥାଏ। ଚେହେରାର ବିପରୀତ ନାଁକୁ ଏକ ଖାସ୍ ମାନସିକ ସ୍ଥାନରେ ରଖିବା ଲାଗି ଆମକୁ ବହୁତ ପରିଶ୍ରମ କରିବାକୁ ପଡ଼େ। ନାଁକୁ ମନେରଖିବା ଲାଗି ମେଣ୍ଟାଲ ଆଫିଲିଏଶନ୍‌ର ଆବଶ୍ୟକତା ପଡ଼ିଥାଏ। ଯେମିତିକି କୌଣସି ବ୍ୟକ୍ତି ସହ ତାଙ୍କର କାମ, ଚରିତ୍ର ଅବା କିଛି ଖାସ୍ ଘଟଣାକୁ ଯୋଡ଼ିବାକୁ ପଡ଼ିଥାଏ। ତେବେ ଯାଇ କାହାରି ନାଁ ମନେ ରହେ।

# ଇତିହାସ ରଚିଲା ‘ଭେରୋନିକା’



ପଶୁ ଜଗତର ବୁଦ୍ଧିମତାକୁ ନେଇ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ଅଷ୍ଟ୍ରିଆର ‘ଭେରୋନିକା’ ନାମକ ଏକ ଗାଈ ନିଜର ଚତୁରତା ପାଇଁ ଏବେ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ମଣିଷ ପରି ବିଭିନ୍ନ ଉପକରଣ ବା ‘ଟୁଲ୍’ ବ୍ୟବହାର କରିବାରେ ସେ ହେଉଛି ପୃଥିବୀର ପ୍ରଥମ ଗାଈ।

ଭେରୋନିକା ନିଜ ଶରୀରର କୁଣ୍ଡେଇ ହେଉଥିବା ସ୍ଥାନରେ ପହଞ୍ଚିବା ପାଇଁ ବାଡ଼ି, ଝାଡୁ ଏବଂ କଣ୍ଟା ବ୍ୟବହାର କରୁଥିବାର ଏକ ଭିଡିଓ ଭାଇରାଲ ହୋଇଥିଲା। ଏହାକୁ ନେଇ ଭିଏନା ସ୍ଥିତ ‘ୟୁନିଭରସିଟି ଅଫ୍ ଭେଟେରିନାରୀ ମେଡିସିନ୍’ର ଗବେଷକମାନେ ଏକ ଅନୁଧ୍ୟାନ କରିଥିଲେ, ଯାହା ପ୍ରସିଦ୍ଧ ପତ୍ରିକା ‘କରେଣ୍ଟ ବାୟୋଲୋଜି’ରେ ପ୍ରକାଶ ପାଇଛି।

ଭେରୋନିକା କେବଳ ଝାଡୁ ଧରିବା ଜାଣିନାହିଁ, ବରଂ ଆବଶ୍ୟକତା ଅନୁସାରେ ଏହାର ଦୁଇ ପାର୍ଶ୍ୱକୁ ବ୍ୟବହାର କରେ। କଠିନ ସ୍ଥାନ ପାଇଁ ଖଦଖଦିଆ ପାର୍ଶ୍ୱ ଏବଂ ନରମ ସ୍ଥାନ ପାଇଁ ବାଡ଼ି ପାର୍ଶ୍ୱକୁ ସେ ବ୍ୟବହାର କରୁଛି। ଯଦି ଝାଡୁଟି ସଠିକ୍ କୋଣରେ ନଥାଏ, ସେ ନିଜ ଜିଭ ସାହାଯ୍ୟରେ ତାକୁ ସଜାଡ଼ି ଦାନ୍ତରେ ଚାପି ଧରି ବ୍ୟବହାର କରେ। ପରୀକ୍ଷଣ ସମୟରେ ୭୦ଟି ପ୍ରୟାସ ମଧ୍ୟରୁ ପ୍ରାୟ ୭୬ ଥର ସେ ସଫଳତାର ସହ ଉପକରଣ ବ୍ୟବହାର କରିଥିବା ଦେଖାଯାଇଛି। ଇଟାଲୀ ସୀମାନ୍ତ କାରିନ୍ଥିଆ ସହରର ଜୈବିକ ଚାଷୀ ତଥା ଭେରୋନିକାର ମାଲିକ ଡ୍ୱିଟ୍‌ଗାର୍ ଡ୍ୱିଗେଲ୍ କୁହନ୍ତି ଯେ, କିଛି ବର୍ଷ ପୂର୍ବେ ସେ କାଠି ଖଣ୍ଡ ସହ ଖେଳୁଥିବା ଦେଖିବାକୁ ମିଳିଥିଲା। ଧୀରେ ଧୀରେ ସେ ନିଜେ ହିଁ ଏହି କୌଶଳ ଶିଖିଗଲା। ପଶୁମାନଙ୍କ ପାଖରୁ ଧୈର୍ଯ୍ୟ ଓ ଶାନ୍ତି ଶିଖିବାର ଅଛି ବୋଲି ସେ ପ୍ରକାଶ କରିଛନ୍ତି। ପୂର୍ବରୁ ହାତୀ, ମାଙ୍କଡ଼ ଓ ଓରାଙ୍ଗୁଟାନଙ୍କ କ୍ଷେତ୍ରରେ ଏପରି ବୁଦ୍ଧିମତା ଦେଖାଯାଇଥିବା ବେଳେ, ପ୍ରାୟ ୧୦,୦୦୦ ବର୍ଷର ଗୃହପାଳିତ ପଶୁ ଇତିହାସରେ ଗାଈ କ୍ଷେତ୍ରରେ ଏହା ପ୍ରଥମ ପ୍ରମାଣ। ଏହି ଆବିଷ୍କାର ଗୃହପାଳିତ ପଶୁଙ୍କ ବୌଦ୍ଧିକ କ୍ଷମତା ଉପରେ ପୁନର୍ବାର ଚିନ୍ତା କରିବାକୁ ବୈଜ୍ଞାନିକମାନଙ୍କୁ ବାଧ କରିଛି।

# ରକ୍ତ ସଞ୍ଚାଳନ ପାଇଁ ଯୋଗାସନ

ଶୀତ ଋତୁରେ ଶାରୀରିକ କାର୍ଯ୍ୟକଳାପ ହ୍ରାସ ପାଏ। ଆମେ ଅଧିକାଂଶ ସମୟ ବସି କିମ୍ବା କମ୍ବଳ ତଳେ ଶୋଇ ରହିଥାଉ। ଏହା ରକ୍ତ ସଞ୍ଚାଳନକୁ ଧୀର କରିଦିଏ। ଏହା ବ୍ୟତୀତ, ଥଣ୍ଡା ପାଗ ରକ୍ତବାହୀ ନଳୀଗୁଡ଼ିକୁ ସଙ୍କୁଚିତ କରିଦିଏ, ଯାହା ରକ୍ତ ସଞ୍ଚାଳନକୁ ଆହୁରି ମନ୍ଥର କରିଦିଏ। କିନ୍ତୁ ପ୍ରତିଦିନ କିଛି ସରଳ ଯୋଗ ଆସନ ଅଭ୍ୟାସ କରି, ରକ୍ତ ସଞ୍ଚାଳନକୁ ପୁଣି ଉନ୍ନତ କରାଯାଇପାରିବ।

ତାଡାସନ- ଏହା ଏକ ଅତି ସରଳ ଯୋଗ ଆସନ ଯାହା ସାରା ଶରୀରରେ ରକ୍ତ ସଞ୍ଚାଳନକୁ ବୃଦ୍ଧି କରେ। ଏହା ଶରୀରର ପୋଶ୍ଚରରେ ମଧ୍ୟ ଉନ୍ନତି ଆଣିଥାଏ।

ଶ୍ୱାନ ଆସନ- ଏହି ଆସନ ଶୀତକାଳୀନ ବିରୋଧାଭାସ ଭାବରେ ବିବେଚନା କରାଯାଏ। କାରଣ ଏହା ମୁଣ୍ଡ ଏବଂ ହୃଦୟକୁ ସୁସ୍ଥ ରଖେ। ଏହା ମୁଣ୍ଡର ରକ୍ତ ପ୍ରବାହ ବୃଦ୍ଧି କରେ ଏବଂ ଶୀତକାଳୀନ ଆଳସ୍ୟରୁ ମୁକ୍ତି ଦିଏ ।

ଭୁଜଙ୍ଗାସନ- ଛାତି ଏବଂ ଫୁସଫୁସ ଖୋଲିବା ପାଇଁ ଏହା ଏକ ଉତ୍କୃଷ୍ଟ ଆସନ। ଏହା ମେରୁଦଣ୍ଡକୁ ନମନୀୟ କରିଥାଏ ଏବଂ ଶ୍ୱାସକ୍ରିୟା ପ୍ରଣାଳୀକୁ ଶକ୍ତିଶାଳୀ କରିଥାଏ, ରକ୍ତରେ ଅମ୍ଳଜାନ ବୃଦ୍ଧି କରିଥାଏ।

ବୀରଭଦ୍ରାସନ- ଏହି ଆସନ ଶରୀରରେ ଉଷ୍ମତା ସୃଷ୍ଟି କରେ, ଯାହା ଶୀତଦିନେ ଅତ୍ୟନ୍ତ ଜରୁରୀ। ଏହା ଗୋଡ଼ ଏବଂ ବାହୁର ମାଂସପେଶୀକୁ ସକ୍ରିୟ କରିଥାଏ ଏବଂ ହୃଦସ୍ପନ୍ଦନକୁ ସାମାନ୍ୟ ବୃଦ୍ଧି କରିଥାଏ, ଯାହା ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ।

ସର୍ବାଙ୍ଗାସନ- ଏହି ଆସନ ସମଗ୍ର ଶରୀରର ସିଷ୍ଟମକୁ ପୁନଃସ୍ଥାପିତ କରେ। ଏହା ଗୁରୁତ୍ୱାକର୍ଷଣ ବିରୁଦ୍ଧରେ ଗୋଡରୁ ହୃଦୟ ଏବଂ ମସ୍ତିଷ୍କକୁ ରକ୍ତ ପଠାଏ, ରକ୍ତ ସଞ୍ଚାଳନ ଉନ୍ନତ କରେ ଏବଂ ଚର୍ମରେ ଚମକ ଆଣିଥାଏ।



# ପନାଚିକ୍କଡ଼ ସରସ୍ୱତୀ ମନ୍ଦିର

**କେରଳର କୋଟ୍ଟାୟମ୍ ଜିଲ୍ଲା ଅନ୍ତର୍ଗତ ଏକ ସ୍ଥାନ ହେଉଛି ପନାଚିକ୍କଡ଼। ଏଠାରେ ବିଦ୍ୟାଦାତ୍ରୀ ଦେବୀ ସରସ୍ୱତୀଙ୍କୁ ସମର୍ପିତ ଏକ ମନ୍ଦିର ରହିଛି; ଯାହା ପନାଚିକ୍କଡ଼ ସରସ୍ୱତୀ ମନ୍ଦିର ଭାବେ ବେଶ୍ ପରିଚିତ। ଏହାକୁ କେହି କେହି ପନାଚିକ୍କଡ଼ୁ ମନ୍ଦିର ତ ଆଉ କେହି ଦକ୍ଷିଣ ମୁକାମ୍ବିକା ସରସ୍ୱତୀ ମନ୍ଦିର ବୋଲି ବି କହିଥାନ୍ତି...**

ପନାଚିକ୍କଡ଼ ସରସ୍ୱତୀ ମନ୍ଦିର ହେଉଛି କେରଳର ପନାଚିକ୍କଡ଼ ଅଞ୍ଚଳରେ ଥିବା ଏକ ବହୁ ପୁରାତନ ତଥା ପ୍ରସିଦ୍ଧ ମନ୍ଦିର। ପ୍ରକୃତପକ୍ଷେ ଏହି ମନ୍ଦିରର ମୁଖ୍ୟ ଦେବତା ହେଉଛନ୍ତି ପ୍ରଭୁ ବିଷ୍ଣୁ; ଯାହାଙ୍କ ପ୍ରତିମାକୁ ଏଠାରେ ଦେବୀ ସରସ୍ୱତୀଙ୍କର ପ୍ରତିମା ସ୍ଥାପିତ ହେବାର ବହୁ ପୂର୍ବରୁ ହିଁ ସ୍ଥାପନ କରାଯାଇଥିଲା। କିନ୍ତୁ ଦେବୀଙ୍କର ମହିମା ଓ ଲୋକପ୍ରିୟତା ପାଇଁ ଲୋକମୁଖରେ ଏହା ସରସ୍ୱତୀ ମନ୍ଦିର ଭାବେ ବେଶ ପରିଚିତ ହେବାକୁ ଲାଗିଲା। ତେବେ ଏହି ମନ୍ଦିରରେ କେବଳ ପ୍ରଭୁ ବିଷ୍ଣୁ କି ମାତା ସରସ୍ୱତୀଙ୍କୁ ପୂଜା କରାଯାଏ ତାହା ନୁହେଁ, ଭଗବାନ ଶିବ, ପ୍ରଭୁ ଗଣେଶ, ଭଗବାନ ଅୟପ୍ପନ, ନାଗ ଦେବତାଙ୍କର ବି ଏଠି ପୂଜାର୍ଚ୍ଚନା କରାଯାଇଥାଏ।

## କିମ୍ବଦନ୍ତୀ

କିମ୍ବଦନ୍ତୀ ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଜଣେ ନମ୍ବୁଦିରି ବ୍ରାହ୍ମଣ ବୃଦ୍ଧଙ୍କର କୌଣସି ପୁତ୍ର ସନ୍ତାନ ନ ଥିବା ହେତୁ ସେ ଖୁବ୍ ମନଦୁଃଖରେ ଥିଲେ। ବାରାଣସୀର ପବିତ୍ର ଗଙ୍ଗାନଦୀରେ ସ୍ନାନ କରିବାକୁ ସେ ଥରେ ବାହାରିଲେ। ବାଟରେ ମୁକାମ୍ବିକା ମନ୍ଦିର ପଡ଼ିବାରୁ ସେଠାରେ ଅଟକି ଯାଇ କିଛିଦିନ ରହିବାକୁ ଲାଗିଲେ। ମାତା ମୁକାମ୍ବିକା ହେଲେ ଜଣେ ପ୍ରତ୍ୟକ୍ଷା ଦେବୀ, ଶକ୍ତି ସ୍ୱରୂପା। ଉକ୍ତ ସ୍ଥାନର ମନୋରମ ପରିବେଶ ବ୍ରାହ୍ମଣଙ୍କୁ ଏତେ ଭଲ ଲାଗିଥିଲା ଯେ, ସେ ଆଉ ସେ ସ୍ଥାନଛାଡ଼ି କୁଆଡ଼େ ଯିବାକୁ ରାଜି ହେଲେ ନାହିଁ। ମା'ଙ୍କର ଭଜନ କୀର୍ତ୍ତନ କରିବା ସହ ନିତି ମା'ଙ୍କ ନିକଟରେ ତାଙ୍କ ଦୁଃଖ ଜଣାଉଥିଲେ। ଥରେ ସ୍ୱପ୍ନରେ ମା'ଆସି ତାଙ୍କୁ କହିଲେ, 'ତୁମ ଭାଗ୍ୟରେ ପୁତ୍ର ଯୋଗ ନାହିଁ। ତୁମେ ଏବେ ଘରକୁ ଫେରିଯିବା ଉଚିତ। ଆଉ ତୁମ ପଡ଼ିଶା ଘରର ଜଣେ ମହିଳାଙ୍କର ନିକଟ ଭବିଷ୍ୟତରେ ଦୁଇଟି ସନ୍ତାନ ଜନ୍ମ ହେବାର ଅଛି। ତୁମେ ଚାହିଁଲେ ତାଙ୍କଠାରୁ ଗୋଟେ ସନ୍ତାନ ପୋଷ୍ୟ ଭାବେ ଗ୍ରହଣ କରିପାର।' ମା'ଙ୍କର ଏହା ହିଁ ଇଚ୍ଛା ଭାବି ବ୍ରାହ୍ମଣ ଜଣଙ୍କ ତା'ପରେ ନିଜ ବାସ ଅଭିମୁଖେ ବାହାରିଆସିଲେ। କିନ୍ତୁ ପନାଚିକ୍କଡ଼ରେ ପହଞ୍ଚିବା ପରେ ସେ ପ୍ରଥମେ ପନାଚିକ୍କଡ଼ ମନ୍ଦିର ପରିସରରେ ଥିବା ଏକ ପବିତ୍ର ଜଳ ଗାଧୋଇବାକୁ ଚିନ୍ତା କଲେ। ସେଥିପାଇଁ ସେ ହାତରେ ଧରିଥିବା ତାଳପତ୍ରର ଛତାକୁ ଜଳକୁଣ୍ଡର ଦକ୍ଷିଣ ଭାଗରେ ରଖି ଗାଧୋଇ ଚାଲିଗଲେ। ଗାଧୋଇ ସାରି ଯେତେବେଳେ ସେ ଛତାଟିକୁ ଉଠାଇବାକୁ ଚେଷ୍ଟା କରନ୍ତି ଛତାଟି ଆଉ ଉଠିଲା ନାହିଁ। ଆଶ୍ଚର୍ଯ୍ୟ ହୋଇ ସେ ଏଣେତେଣେ ଚାହିଁଲେ କିନ୍ତୁ ପାଖରେ କେହି ଦେଖାଯାଉ ନ ଥିଲେ। ହଠାତ୍ ଜଣେ ବ୍ୟକ୍ତି ଚମତ୍କାର ସ୍ୱରୂପ ତାଙ୍କ ପାଖକୁ ଆସି କହିଲେ 'ତୁମର ଏହି ଛତା ତଳେ ଦେବୀ ମୁକାମ୍ବିକା ଅଛନ୍ତି। ଯଦି ତୁମେ ଏହି ଛତା ନେବାକୁ ଚାହୁଁଛ, ତା'ହେଲେ ନିକଟରେ ଥିବା ଜଙ୍ଗଲରେ ଏକ ଦେବୀ ପ୍ରତିମା ରହିଛନ୍ତି, ତାଙ୍କୁ ଆଣି ଏହି ପବିତ୍ର ଜଳକୁଣ୍ଡ ଭିତରେ ସ୍ଥାପନ କର। କିନ୍ତୁ ଧ୍ୟାନ ରଖିବ, ପ୍ରତିମାକୁ ଆଣିବା ସମୟରେ ଏହାର ରକ୍ଷକ ସାଜିଥିବା ଯକ୍ଷୀଙ୍କୁ ତୁମକୁ ପ୍ରସନ୍ନ କରିବାକୁ ହେବ।' ବ୍ରାହ୍ମଣ ଜଣଙ୍କ ଠିକ୍ ସେମିତି ହିଁ କଲେ, ଯେମିତି ଚମତ୍କାରୀ ବ୍ୟକ୍ତି ଜଣଙ୍କ ତାଙ୍କୁ କହୁଥିଲେ। ଦେବୀ ପ୍ରତିମାଙ୍କୁ ସେ ଆଣି ଉକ୍ତ ଜଳକୁଣ୍ଡ ଭିତରେ ସ୍ଥାପନ କରିଦେଲେ ଆଉ ତାଙ୍କର ଜଣେ ସେବକ ହୋଇ ତାଙ୍କୁ ନିତ୍ୟ ପୂଜାର୍ଚ୍ଚନା କରିବାକୁ ଲାଗିଲେ। କୁହାଯାଏ, ସେବେଠାରୁ ଏହି ଜଳକୁଣ୍ଡର ପାଣି କେବେ ବି ଶୁଖେନାହିଁ। ଏପରିକି ଖରାଦିନେ ମଧ୍ୟ ଅନ୍ୟ ଜଳକୁଣ୍ଡର ପାଣି ଶୁଖି ଯାଉଥିଲେ ବି ଏହି ଜଳକୁଣ୍ଡର ପାଣି ଟିକେ ବି କମେ ନାହିଁ। ଏହା ମା'ଙ୍କର ଚମତ୍କାର ନୁହେଁ ତ ଆଉ କ'ଣ ହୋଇପାରେ। ଯେହେତୁ ମା' ଏଠାରେ ଏକ ସରସ ବା ଆଦୌ ଶୁଖୁ ନ ଥିବା ଏକ ଜଳକୁଣ୍ଡରେ ଅବସ୍ଥାନ କରିଛନ୍ତି, ସେଥିପାଇଁ ସ୍ଥାନୀୟ ଲୋକେ ତାଙ୍କୁ ଦେବୀ ସରସ୍ୱତୀ ଭାବେ ପୂଜାର୍ଚ୍ଚନା କରିବାକୁ ଲାଗିଲେ।

ସେହିପରି ଦେବୀ ମୁକାମ୍ବିକାଙ୍କ କରୁଣାରୁ ଏସବୁ ସମ୍ଭବ ହୋଇଥିବା ଯୋଗୁ ଅନେକେ ତାଙ୍କୁ ଦକ୍ଷିଣ ମୁକାମ୍ବିକା ସରସ୍ୱତୀ ଦେବୀ ବୋଲି ବି ସମ୍ବୋଧନ କରିବାକୁ ଲାଗିଲେ। ଆଉ ସେହି ଅନୁଯାୟୀ ଏହି ମନ୍ଦିରର ନାଁ ବି ପରିଚିତି ପାଇବାକୁ ଲାଗିଲା।

## ପୂଜାପର୍ବ

ଏହି ମନ୍ଦିରରେ ବିଭିନ୍ନ ଦେବଦେବୀଙ୍କର ପ୍ରତିମା ରହିଥିବାରୁ ସମସ୍ତ ପୂଜାପର୍ବ ବେଶ୍ ନିଷ୍ଠାର ସହ ପାଳନ କରାଯାଇଥାଏ। ତେବେ ନବରାତ୍ରି ହେଉଛି ଏଠାକାର ଏକ ମୁଖ୍ୟ ପର୍ବ; ଯେଉଁ ସମୟରେ ବହୁ ସଂଖ୍ୟାରେ ଭକ୍ତଗଣ ଏଠାକୁ ମା'ଙ୍କର ଦର୍ଶନ କରିବାକୁ ଆସିଥାନ୍ତି। ଆଉ ଏହି ସମୟରେ ଜଳକୁଣ୍ଡ ଭିତରେ ମା'ଙ୍କୁ ଖୁବ୍ ସୁନ୍ଦର ଭାବେ ସଜାଯାଇଥାଏ। କୁହାଯାଏ, ମା'ଙ୍କ ଆଶୀର୍ବାଦରେ ଏଠାରେ ଯିଏ ବିଦ୍ୟାରମ୍ଭ କରିଥାନ୍ତି, ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ। ସେଥିପାଇଁ ପ୍ରତିବର୍ଷ ବିଜୟାଦଶମୀରେ ଏଠାରେ ସ୍ୱତନ୍ତ୍ର ବିଦ୍ୟାରମ୍ଭ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ ।

## କେମିତି ଯିବେ

ଏଠାକୁ ଯିବା ପାଇଁ ନିକଟସ୍ଥ ବିମାନବନ୍ଦର ହେଲା କୋଚିନ୍ ଇଣ୍ଟର ନ୍ୟାଶନାଲ୍ ଏୟାରପୋର୍ଟ ଏବଂ ନିକଟସ୍ଥ ରେଳଷ୍ଟେଶନ ହେଉଛି କୋଟ୍ଟାୟମ୍ ରେଲ୍ୱେ ଷ୍ଟେଶନ।





# ମହାତ୍ମାଙ୍କ ସେବା

ମହାତ୍ମା ଗାନ୍ଧୀ ସେବାଗ୍ରାମ ଆଶ୍ରମରେ ଥିବା ସମୟର ଘଟଣା। ଦିନେ ସେ ପ୍ରାତଃଭ୍ରମଣରୁ ଫେରୁଥିବା ସମୟରେ ଜଣେ କାର୍ଯ୍ୟକର୍ତ୍ତା ଆସି କହିଲେ, ଗୋଶାଳା ନିକଟରେ ଜଣେ ଫକୀର ବସିଛନ୍ତି। ସେ କାହା ସହ କଥାବାର୍ତ୍ତା କରୁନାହାନ୍ତି, କିନ୍ତୁ ଜଣେ ନିରାଶ୍ରୟ ପରି ଲାଗୁଛନ୍ତି। ହଠାତ୍ ବାପୁ ଉଠି ସେହି ବ୍ୟକ୍ତିଙ୍କ ପାଖରେ ପହଞ୍ଚିଲେ ଏବଂ କହିଲେ- ସାବରମତୀ ଆଶ୍ରମରେ ତୁମର ଘର ରହିଛି। ଆପଣ ଏଠି କିପରି ଏବଂ କାହିଁକି ଏପରି ଅବସ୍ଥାରେ ରହିଛନ୍ତି ? ସିଧା ମୋ ପାଖକୁ ଆସିଲନି କାହିଁକି ? ଆଗନ୍ତୁକ କହିଲେ, ବାପୁ ମୋତେ କୁଷ୍ଠରୋଗ ହୋଇଯାଇଛି। ସମାଜ ମୋତେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ। ଆପଣଙ୍କ ଆଶ୍ରମରେ ରହିବାକୁ ମଧ୍ୟ ମୋତେ ସଙ୍କୋଚ ଲାଗୁଛି। କିନ୍ତୁ ମୁଁ ଶେଷ ଜୀବନ ପର୍ଯ୍ୟନ୍ତ ଆପଣଙ୍କ ଆଖପାଖରେ ରହିବାକୁ ଚାହୁଁଛି। ବାପୁ କହିଲେ- ଆପଣ ଏପରି କଥା କୁହନ୍ତୁ ନାହିଁ। ତୁମକୁ ମରିବାକୁ ଦିଆଯିବ ନାହିଁ। ଏତିକି କହି ବାପୁ ସେହି ସମୟରେ ନିଜ କୁଡ଼ିଆକୁ ଫେରିଆସିଲେ। ହେଲେ ତାଙ୍କ ଭିତରେ ଦ୍ୱନ୍ଦ୍ୱ ଲାଗି ରହିଥିଲା। ଆଶ୍ରମରେ ଅନ୍ୟ ଅନ୍ତେବାସୀମାନେ ମଧ୍ୟ ରହୁଥିଲେ। ସେମାନଙ୍କର ସହମତି ଓ ଅସହମତିର ପ୍ରଶ୍ନ ରହିଥିଲା। ଅନ୍ୟପକ୍ଷରେ ମାନବସେବା ବାପୁଙ୍କର ବ୍ରତ ଥିଲା। ଏମିତି ଅନେକ ସମୟ ଭାବିଲା ପରେ ବାପୁ ନିଷ୍ପତ୍ତି ନେଲେ ଯେ, ଆଗନ୍ତୁକଙ୍କ ସେବାରେ ନିଜେ ବ୍ରତୀ ରହିବେ। ତେଣୁ ସେ ନିଜ କୁଡ଼ିଆକୁ ଲାଗି ଅନ୍ୟ ଏକ ନୂଆ କୁଡ଼ିଆ ତିଆରି କଲେ। ସେଠାରେ ଆଗନ୍ତୁକଙ୍କୁ ନେଇ ରଖିଲେ। ବାପୁ ପ୍ରତିଦିନ ରୋଗରେ ପୀଡ଼ିତ ଥିବା ବ୍ୟକ୍ତିଙ୍କ ଶରୀରରୁ ପୁଜ ସଫା କରିବା ସହ ଔଷଧ ଲେପନ କଲେ। ଅନ୍ୟ କେତେକ ଆଶ୍ରମବାସୀ ବାପୁଙ୍କର ଏଭଳି କାର୍ଯ୍ୟ ଦେଖି ତାଙ୍କ ସହ ମିଶି ସେବା କଲେ। ସମସ୍ତଙ୍କ ସେବା ଦ୍ୱାରା ତାଙ୍କ ଦେହ ସୁସ୍ଥ ହେବାକୁ ଲାଗିଲା। ସୁସ୍ଥ ହେବା ପରେ ସେ ଖାଲି ସମୟରେ ଆଶ୍ରମର ପିଲାମାନଙ୍କୁ ସଂସ୍କୃତ ପଢ଼ାଇଲେ। ସେ ରୋଗୀ ଆଉ କେହି ନଥିଲେ, ଥିଲେ ସଂସ୍କୃତର ବିଶିଷ୍ଟ ପଣ୍ଡିତ ପରଚୁରେ ଶାସ୍ତ୍ରୀ। କୁଷ୍ଠ ରୋଗରେ ପୀଡ଼ିତ ହେବା ପରେ ସେ ବଞ୍ଚିବାର ଆଶା ଛାଡ଼ି ଦେଇଥିଲେ। ମାତ୍ର ବାପୁଙ୍କ ନିଷ୍ଠାପର ସେବା ଯୋଗୁଁ ସେ ଆରୋଗ୍ୟଲାଭ କରିଥିଲେ।

# ଅଶୁଭ ପକ୍ଷୀ

ଲୋକମାନେ ପ୍ରାୟତଃ ସେମାନଙ୍କ ଘର ପାଖରେ ପକ୍ଷୀ ଦେଖନ୍ତି। ତେଣୁ, ଆସନ୍ତୁ ଜାଣିବା କେଉଁ ପକ୍ଷୀମାନଙ୍କୁ ବାରମ୍ବାର ଦେଖାଗଲେ ଅଶୁଭ ବୋଲି ବିବେଚନା କରାଯାଏ। ଘର ପାଖରେ ଏହି ପକ୍ଷୀମାନଙ୍କୁ ଦେଖିବା ଏକ ଅଶୁଭ ବୋଲି ବିବେଚନା କରାଯାଏ।

ଗରୁଡ଼: ଅଶୁଭ ଶାସ୍ତ୍ରରେ, ଗରୁଡଙ୍କୁ ପରଲୋକ ଏବଂ ପ୍ରତ୍ୟାବର୍ତ୍ତନ ଆତ୍ମା ସହିତ ଜଡିତ କରାଯାଇଛି। ତେଣୁ, ଘର ଉପରେ କିମ୍ବା ଯିବା ଆସିବା ସମୟରେ ବାରମ୍ବାର ଦେଖିବା ପୂର୍ବପୁରୁଷଙ୍କ ଶାନ୍ତିର ଅଭାବକୁ ସୂଚିତ କରେ। ଏହାର ଅର୍ଥ ହେଉଛି ଯେ ଆପଣଙ୍କ ପୂର୍ବ୍ୱପୁରୁଷମାନେ ଆପଣଙ୍କ ଉପରେ ସନ୍ତୁଷ୍ଟ ନୁହଁନ୍ତି। ଏପରି ପରିସ୍ଥିତିରେ, ପ୍ରାର୍ଥନା ଏବଂ ନୈବେଦ୍ୟ କରାଯିବା ଉଚିତ।

ବହୁ ସଂଖ୍ୟକ କାଉ: ଶଙ୍କାନୁସାରେ, ହଠାତ ଆପଣଙ୍କ ଛାତ ଉପରେ କିମ୍ବା ନିକଟରେ ବହୁ ସଂଖ୍ୟକ କାଉ ଶବ୍ଦ କରୁଥିବା ଦେଖିବା ଏକ ବଡ଼ ବିପର୍ଯ୍ୟୟ କିମ୍ବା ଘରେ କିଛି ଖରାପ ଘଟୁଥିବାର ସଙ୍କେତ ହୋଇପାରେ। ଏହା ବ୍ୟତୀତ, ଯଦି ମୃତ ଶରୀର ନିକଟରେ ଅନେକ କାଉ ଦେଖାଯାଏ, ତେବେ ଏହା ଭବିଷ୍ୟତରେ ଖରାପ ଖବରକୁ ସୂଚିତ କରେ।

ବାଦୁଡ଼ି: ରାତିରେ ବାଦୁଡ଼ି ସକ୍ରିୟ ଥାଏ ଏବଂ ଓଲଟା ଝୁଲି ରହିଥାଏ। ଏଗୁଡ଼ିକ ପୂର୍ବପୁରୁଷଙ୍କ ଅଭିଶାପ ଏବଂ ଦୁଷ୍ଟ ଶକ୍ତି ସହିତ ଜଡିତ। ଘରେ ବାଦୁଡ଼ି ଦେଖିବା କିମ୍ବା ଆଗମନକୁ ଅଶୁଭ ବୋଲି ବିବେଚନା କରାଯାଏ। ଘରେ ବାଦୁଡ଼ି ଦେଖାଯିବା ଆର୍ଥିକ କ୍ଷତି, ନକାରାତ୍ମକ ଶକ୍ତି, ପାରିବାରିକ କଳହ କିମ୍ବା ଅସୁସ୍ଥତା ପରି ସମସ୍ୟାକୁ ସୂଚିତ କରେ।

## ଆଇସିସି ଟି-୨୦ ର୍ୟାଙ୍କିଙ୍ଗ୍

# ଟପ୍-୧୦କୁ ଫେରିଲେ ସୂର୍ଯ୍ୟକୁମାର

ଦୁବାଇ: ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଟିମ୍ ପାଇଁ ଖୁସି ଖବର। ଆଇସିସି ସଦ୍ୟତମ ଟି-୨୦ ର୍ୟାଙ୍କିଙ୍ଗ୍‌ରେ ଭାରତର ବହୁ ଷ୍ଟାର୍ ଖେଳାଳି ନିଜ ନିଜ ସ୍ଥାନରେ ସୁଧାର କରିଛନ୍ତି। ଏହି କାରଣରୁ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଟିମ୍ ଇଣ୍ଡିଆର ମନୋବଳ ଆହୁରି ଶକ୍ତିଶାଳୀ ହୋଇଛି।



ଭାରତୀୟ ଓପ୍ନର୍ ଅଭିଷେକ ଶର୍ମା ନିଜ ଚମତ୍କାର ଫର୍ମ ବଳରେ ଟି-୨୦ ବ୍ୟାଟିଂ ର୍ୟାଙ୍କିଙ୍ଗ୍‌ରେ ନମ୍ବର-୧ ସ୍ଥାନକୁ ଆହୁରି ଶକ୍ତିଶାଳୀକରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ ଜାରି ପାଞ୍ଚ ମ୍ୟାଚ୍‌ର ଟି-୨୦ ସିରିଜ୍‌ରେ ଦୁଇଟି ଅର୍ଦ୍ଧଶତକର ଦମ୍‌ରେ ଅଭିଷେକ ନିଜ ଅଗ୍ରଣୀକୁ ୮୦ ରେଟିଂ ପଏଣ୍ଟ୍‌ରେ ପହଞ୍ଚାଇଛନ୍ତି। ଏବେ ଅଭିଷେକଙ୍କ ରେଟିଂ ପଏଣ୍ଟ୍ ୯୨୯ ହୋଇଛି, ଯାହା ତାଙ୍କ କ୍ୟାରିୟର୍‌ର ସର୍ବଶ୍ରେଷ୍ଠ ୯୩୧ ଠାରୁ ମାତ୍ର ଦୁଇ ପଏଣ୍ଟ୍ କମ୍। ତାଲିକାର ଦ୍ୱିତୀୟ ସ୍ଥାନରେ ଇଂଲଣ୍ଡର ଫିଲ୍ ସଲ୍ଟ (୮୪୯ ପଏଣ୍ଟ) ଥିବାବେଳେ ତୃତୀୟ ସ୍ଥାନରେ ଭାରତର ତିଳକ ବର୍ମା (୭୮୧ ପଏଣ୍ଟ) ରହିଛନ୍ତି। ଭାରତୀୟ ଟି-୨୦ ଟିମ୍ କ୍ୟାପ୍ଟେନ୍ ସୂର୍ଯ୍ୟକୁମାର ଯାଦବ ମଧ୍ୟ ବଡ଼ ଲମ୍ଫ ପ୍ରଦାନ କରିଛନ୍ତି। ଗୁଆହାଟୀରେ ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟି-୨୦ରେ ଅପରାଜିତ ୫୭ ରନ୍‌ର ଇନିଂସ୍ ଖେଳିବା ପରେ ସେ ପାଞ୍ଚ ସ୍ଥାନ ଉପରକୁ ଉଠି ସପ୍ତମରେ ପହଞ୍ଚିଛନ୍ତି।

ତୃତୀୟ ଟି-୨୦ରେ ତିନିଟି ୱିକେଟ୍ ନେଇଥିବା ଜସ୍‌ପ୍ରୀତ୍ ବୁମ୍‌ରା ବୋଲିଂ ର୍ୟାଙ୍କିଙ୍ଗ୍‌ରେ ୪ ସ୍ଥାନର ଲମ୍ଫ ପ୍ରଦାନ କରି ୧୩ଶ ସ୍ଥାନରେ ପହଞ୍ଚିଛନ୍ତି। ସେହିପରି ବରୁଣ ଚକ୍ରବର୍ତ୍ତୀ ଏବେ ବି ଟି-୨୦ ବୋଲିଂ ର୍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନରେ ରହିଛନ୍ତି। ଟି-୨୦ ଅଲ୍‌ରାଉଣ୍ଡର୍ ର୍ୟାଙ୍କିଙ୍ଗ୍‌ରେ ମଧ୍ୟ ଭାରତୀୟ ଖେଳାଳିଙ୍କୁ ଲାଭ ହୋଇଛି। ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ସ୍ଥାନର ସୁଧାର ସହ ତୃତୀୟ ଏବଂ ଶିଭମ୍ ଦୁବେ ଛଅ ସ୍ଥାନର ଲମ୍ଫ ପ୍ରଦାନ କରି ଏକାଦଶ ନମ୍ବରରେ ପହଞ୍ଚିଛନ୍ତି। ଅବଶ୍ୟ ଅଲ୍‌ରାଉଣ୍ଡର୍ ସୂଚୀର ଶୀର୍ଷରେ ଜିମ୍ବାୱେର ସିକନ୍ଦର ରଜା ଏବେ ବି ଶୀର୍ଷସ୍ଥାନରେ କାଏମ ରହିଛନ୍ତି। ର୍ୟାଙ୍କିଙ୍ଗ୍‌ରେ ଅନ୍ୟ ଟିମ୍‌ର ଖେଳାଳିମାନେ ମଧ୍ୟ ସୁଧାର କରିଛନ୍ତି। ସାଉଥ୍ ଆଫ୍ରିକାର ଏଡେନ୍ ମାର୍କରମ୍ ୯ ସ୍ଥାନ ଉପରକୁ ଉଠି ବ୍ୟାଟିଂ ସୂଚୀର ୨୦ତମ ସ୍ଥାନରେ ପହଞ୍ଚିଛନ୍ତି। ୱେଷ୍ଟଇଣ୍ଡିଜ୍‌ର ବ୍ରେଣ୍ଡନ୍ କିଙ୍ଗ୍ ୧୫ ସ୍ଥାନର ସୁଧାର ସହ ୩୫ତମ ଏବଂ ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସ ୧୮ ସ୍ଥାନ ଉପରକୁ ଉଠି ୪୪ତମ ନମ୍ବରରେ ପହଞ୍ଚିଛନ୍ତି। ବୋଲିଂ ସୂଚୀରେ ଆଫଗାନିସ୍ତାନର ମୁଜିବ୍ ଉର୍ ରହମାନ୍ ୯ମ, ସାଉଥ୍ ଆଫ୍ରିକାର କର୍ବିନ୍ ବଶ୍ ୩୨ତମ ଏବଂ ୱେଷ୍ଟଇଣ୍ଡିଜ୍‌ର ମାଥ୍ୟୁ ଫୋର୍ଡେ ୪୭ତମ ସ୍ଥାନରେ ବିରାଜମାନ ଅଛନ୍ତି। ଟି-୨୦ ଅଲ୍‌ରାଉଣ୍ଡର୍ ର୍ୟାଙ୍କିଙ୍ଗ୍‌ରେନେପାଳର ଦୀପେନ୍ଦ୍ର ଐରୀ ଓ ଆଫଗାନିସ୍ତାନର ଅଜମତୁଲ୍ଲାହ ଉପରଜଇ ସଂଯୁକ୍ତ ଭାବେ ୬ଷ୍ଠ ସ୍ଥାନରେ ପହଞ୍ଚିଛନ୍ତି।

## ବାଂଲାଦେଶ ଓ ନେଦରଲାଣ୍ଡର ଯୋଗ୍ୟତା

କାଠମାଣ୍ଡୁ: ବାଂଲାଦେଶ ଓ ନେଦରଲାଣ୍ଡ୍ କ୍ୱାଲିଫାୟର୍‌ର ସପର୍ ସିକ୍ସ ରାଉଣ୍ଡ୍‌ରେ ବିଜୟ ହାସଲ କରି ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ ପାଇଁ ଉପଲବ୍ଧ ଚାରିଟିରୁ ଦୁଇଟି ସ୍ଥାନ ପକ୍କା କରିଛନ୍ତି। ନେଦରଲାଣ୍ଡ ଡକ୍‌ୱର୍ଥ ଲୁଇସ୍ ପଦ୍ଧତିରେ ଆମେରିକାକୁ ହରାଇ ପ୍ରଥମ ଥର ଟି-୨୦ ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିଛି। ଅନ୍ୟପକ୍ଷରେ ବାଂଲାଦେଶ ଶୋଭନା ମୋସ୍ତାରୀଙ୍କ ୫୯ ରନ୍‌ର ଇନିଂସ୍ ଦମ୍‌ରେ ଥାଇଲାଣ୍ଡକୁ ୩୯ ରନ୍‌ରେ ହରାଇ ଦେଇଛି।

## ବାଂଲାଦେଶ ଶୁଟିଂ ଟିମ୍‌ର ଭାରତ ଗସ୍ତକୁ ମଞ୍ଜୁରୀ

ଢାକା: ବାଂଲାଦେଶର ଦୁଇଜଣିଆ ଶୁଟିଂ ଟିମ୍‌କୁ ଶେଷରେ ସରକାରୀ ମଞ୍ଜୁରୀ ମିଳିଛି। ଟିମ୍ ଫେବୃଆରୀ ୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ହେବାକୁ ଥିବା ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍‌ରେ ଭାଗ ନେବେ। ମଞ୍ଜୁରୀ ଅନ୍ତିମ ମୁହୂର୍ତ୍ତରେ ମିଳିଛି। କାରଣ ଏହା ପୂର୍ବରୁ ବାଂଲାଦେଶ ଅନ୍ତରୀଣ ସରକାର ସୁରକ୍ଷା କାରଣର ଦ୍ୱାହି ଦେଇ ଆଇସିସିଟି-୨୦ ବିଶ୍ୱକପ୍ ମ୍ୟାଚ୍ ପାଇଁ ଜାତୀୟ ଟିମ୍‌କ ଭାରତ ପଠାଇବାକୁ ମନା କରିଦେଇଥିଲା। ଭାରତ ନଯିବା କାରଣରୁ ବାଂଲାଦେଶ କ୍ରିକେଟ୍ ଟିମ୍‌କୁ ଟୁର୍ଣ୍ଣାମେଣ୍ଟ୍‌ରୁ ବାହାର ହେବାକୁ ପଡ଼ିଛି ଏବଂ ତା' ସ୍ଥାନରେ ସ୍କଟ୍‌ଲାଣ୍ଡକୁ ସାମିଲ କରାଯାଇଛି। ଏପରି ସ୍ଥିତିରେ ଶୁଟିଂ ଟିମ୍‌କୁ ମିଳିଥିବା ଅନୁମତିକୁ ନେଇ ପ୍ରଶ୍ନ ଉଠିଛି। ବାଂଲାଦେଶର ଶୀର୍ଷ ରାଇଫଲ୍ ଶୁଟର୍ ରୋବିଲ୍ ଇସ୍ଲାମ୍ ଫେବୃଆରୀ ୬ରେ ହେବାକୁ ଥିବା ୧୦ ମିଟର ଏୟାର୍ ରାଇଫଲ୍ ଇଭେଣ୍ଟ୍‌ରେ ଭାଗନେବ ଏବଂ ସେ ଜାନୁଆରୀ ୩୧ରେ ଭାରତ ଅଭିମୁଖେ ଯାତ୍ରା କରିବା ସମ୍ଭାବନା ରହିଛି। ଖେଳାଳିରୁ କୋଚ୍ ହୋଇଥିବା ଶର୍ମିନ୍ ଅଖତର ଟିମ୍‌ର ଦ୍ୱିତୀୟ ସଦସ୍ୟ ଭାବେ ରୋବିଉଲ୍‌ଙ୍କ ସହ ଏହି ଗସ୍ତରେ ଯିବେ।

ଯୁବ ଓ ଖେଳ ମନ୍ତ୍ରଣାଳୟ ସଚିବ ମହବୁବ୍ ଉଲ୍ ଆଲମ୍ ଏହି ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରି କହିଛନ୍ତି, ଶୁଟିଂ ଟିମ୍ ଏବଂ କ୍ରିକେଟ୍ ଟିମ୍ ମାମଲାକୁ ସରକାର ଅଲଗା ଅଲଗା ଭାବେ ଦେଖୁଛନ୍ତି। ସେ କହିଛନ୍ତି, କେବଳ ଜଣେ ଖେଳାଳି ଓ ଜଣେ କୋଚ୍ ଭାରତ ଯାଉଛନ୍ତି। ଆୟୋଜକ ଦେଶ ସୁରକ୍ଷାକୁ ନେଇ ଆମକୁ ପୂରା ଆଶ୍ୱସ୍ତ କରିଛି। ସେ ଏହା ମଧ୍ୟ କହିଛନ୍ତି, ଖେଳ ପରାମର୍ଶଦାତା ଆସିଫ୍ ନଜରୁଲ୍ ବାଂଲାଦେଶ ଶୁଟିଂ ସ୍ପୋର୍ଟ୍ସ ଫେଡେରେସନ୍ ସାଧାରଣ ସମ୍ପାଦକ ଫିରଦୌସ ଆରା ଖାନମ୍‌ଙ୍କ ସହ ଆଲୋଚନା ପରେ ସରକାରୀ ଅର୍ଡର୍ ଜାରି କରିବାର ଅନୁମତି ଦେଇଛନ୍ତି।

# ଅଟକିଲା ଟିମ୍ ଇଣ୍ଡିଆର ବିଜୟ ରଥ

ବିଶାଖାପାଟଣା: ଚଳିତ ନୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ରେ ଟିମ୍ ଇଣ୍ଡିଆର ବିଜୟ ଧାରାରେ ବ୍ରେକ୍ ଲାଗିଛି। ସ୍ଥାନୀୟ ଡା. ୱାଇଏସ୍ ରାଜଶେଖରୀ ରେଡ୍‌ଡୀ ଏସିଏ-ଭିଡିସିଏ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଚତୁର୍ଥ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫୦ ରନ୍‌ରେ ଭାରତକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ ପାଇଥିବା ନ୍ୟୁଜିଲାଣ୍ଡ ୭ ୱିକେଟ୍‌ରେ ୨୧୫ ରନ୍ କରିଥିବା ବେଳେ ଭାରତ ୧୮.୪ ଓଭର୍‌ରେ ମାତ୍ର ୧୬୫ ରନ୍‌ରେ ଅଲ୍‌ଆଉଟ୍ ହୋଇଛି। ଭାରତ ପକ୍ଷରୁ ଶିଭମ୍ ଦୁବେ ୭ଛକା ଓ ତିନି ଚୌକା ସହାୟତାରେ ୨୩ ବଲ୍‌ରେ ୬୫ ରନ୍‌ର ଇନିଂସ୍ ଖେଳିଥିଲେ ମଧ୍ୟ ଟିମ୍‌କୁ ବିଜୟୀ କରାଇପାରି ନଥିଲେ। ଏହା ପୂର୍ବରୁ ଟିମ୍ ଇଣ୍ଡିଆ ପ୍ରଥମ ତିନିଟି ମ୍ୟାଚ୍ ଜିତି ସିରିଜ୍ ନିଜ ନାମରେ କରିସାରିଛି।



ଲକ୍ଷ୍ୟର ପିଛା କରୁଥିବା ଭାରତର ଆରମ୍ଭ ବହୁ ଖରାପଥିଲା। ୯ ରନ୍‌ର ସ୍କୋର୍‌ରେ ଅଭିଷେକ ଶର୍ମା (୦) ଏବଂ କ୍ୟାପ୍ଟେନ୍ ସୂର୍ଯ୍ୟକୁମାର ଯାଦବ (୮ ରନ୍)ଙ୍କ ୱିକେଟ୍ ହରାଇଥିଲା। ସଞ୍ଜୁ ସାମ୍‌ସନ୍ ୨୪ ରନ୍‌ର କରି କ୍ୟାପ୍ଟେନ୍ ମିଚେଲ୍ ସାଣ୍ଟନର୍‌ଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ମାତ୍ର ୨ ରନ୍‌ରେ ବିଦାୟ ନେଇଥିଲେ। ରିଙ୍କୁ ସିଂହ ଲୟରେ ଥିଲେ ମଧ୍ୟ ବଡ଼ ଇନିଂସ୍ ଖେଳିପାରି ନଥିଲେ। ୩ ଚୌକା ଓ ଦୁଇଟି ଛକା ସହାୟତାରେ ସେ ୩୦ ବଲ୍‌ରେ ୩୯ ରନ୍ କରିଥିଲେ। ରିଙ୍କୁ ସିଂହଙ୍କ ଆଉଟ୍ ବେଳକୁ ସ୍କୋର୍ ୮୨/୫ ଥିଲା। ଏହାପରେ ଶିଭମ୍ ଦୁବେ ଆକ୍ରମଣାତ୍ମକ ବ୍ୟାଟିଂ କରି ୬ ଛକା ଓଦୁଇ ଚୌକା ସହାୟତାରେ ମାତ୍ର ୧୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ଏହାପରେ ବେଶୀ ସମୟ କ୍ରିଜ୍‌ରେ ରହିପାରି ନଥିଲେ ଏବଂ ରନ୍‌ଆଉଟ୍ ହୋଇଥିଲେ। ଏହାପରେ ଭାରତର ବିଜୟ ଆଶା ମଉଳି ଯାଇଥିଲା। ହର୍ଷିତ ରାଣା (୯ ର୍), ଅର୍ଶଦୀପ ସିଂହ (୦), ଜସ୍‌ପ୍ରୀତ୍ ବୁମ୍‌ରା (୪ ରନ୍) ଏବଂ କୁଲଦୀପ୍ ଯାଦବ (୧ ରନ୍) ଶେଷ ଚାରି ୱିକେଟ୍ ଭାବେ ବିଦାୟ ନେଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେଲ୍ ସାଣ୍ଟନର୍ ୩ଟି ୱିକେଟ୍ ନେଇଥିବା ବେଳେ ଜ୍ୟାକବ୍ ଡଫି ଓ ଈଶ୍ ସୋଢ଼ୀଙ୍କୁ ୨-୨ ସଫଳତା ମିଳିଥିଲା। କଜାରୀ ଫାଉଲ୍‌କେସ୍ ଓ ମ୍ୟାଟ୍ ହେନରୀଙ୍କୁ ୧-୧ ୱିକେଟ୍ ମିଳିଥିଲା।

ପ୍ରଥମେ ବ୍ୟାଟିଂ ପାଇଥିବା ନ୍ୟୁଜିଲାଣ୍ଡର ଆରମ୍ଭ ବିସ୍ଫୋରକ ଥିଲା। ଟିମ୍ ସେଫର୍ଟ ଓ ଡେଭନ୍ କନ୍‌ୱେଙ୍କ ମଧ୍ୟରେ ୧୦୦ ରନ୍‌ର ଓପ୍ନିଂ ପାର୍ଟନରଶିପ୍ ହୋଇଥିଲା। ସେଫର୍ଟ ୫ ଚୌକା ଓ ୩ ଛକା ସହାୟତାରେ ୨୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ବେଳେ କନ୍‌ୱେ ୪ ଚୌକା ଓ ତିନି ଛକା ବଳରେ ୨୩ ବଲ୍‌ରେ ୪୪ରନ୍‌ର ଯୋଗଦାନ କରିଥିଲେ। ରଚିନ୍ ରବୀନ୍ଦ୍ର ମାତ୍ର ୨ ରନ୍‌କରି ବୁମ୍‌ରାଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ସେଫର୍ଟ୭ ଚୌକା ଓ ତିନି ଛକାସହାୟତାରେ ୩୬ ବଲ୍‌ରେ୬୨ ରନ୍ କରି ଅର୍ଶଦୀପଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଏହାପରେ ଗ୍ଲେନ୍ ଫିଲିପ୍ସ ୨୪ ଓମାର୍କ ଚାପ୍‌ମ୍ୟାନ୍ ୯ ରନ୍ କରି ବିଦାୟ ନେଇଥିଲେ। ସାଣ୍ଟନର୍ ୧୧ ରନ୍ କରିଥିବା ବେଳେ ଡାରିଲ୍‌ମିଚେଲ୍ ୧୮ ବଲ୍‌ରେ ଅପରାଜିତ ୩୯ ରନ୍ କରି ଟିମ୍‌କୁ ବଡ଼ ସ୍କୋର୍‌ରେ ପହଞ୍ଚାଇଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ ଓ କୁଳଦୀପ ଯାଦବ ୨-୨ ୱିକେଟ୍ ନେଇଥିଲେ।

## ବିଶ୍ୱକପ୍ ପୂର୍ବରୁ ପାକିସ୍ତାନରେ ଅଷ୍ଟ୍ରେଲିଆ ଟିମ୍

ଲାହୋର: ମିଚେଲ୍ ମାର୍ଶଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଟିମ୍ ଲାହୋରରେ ପହଞ୍ଚିଛି। ସେଠାରେ ଟିମ୍ ପାକିସ୍ତାନ ବିପକ୍ଷରେ ତିନି ମ୍ୟାଚ୍‌ର ଟି-୨୦ ସିରିଜ୍ ଖେଳିବ। ଫେବୃଆରୀ ୭ରୁ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନର ଖେଳିବାକୁ ନେଇ ସନ୍ଦେହ ଦେଖା ଦେଇଥିବା ବେଳେ ଏହି ସିରିଜ୍‌ର ଆୟୋଜନ ହେଉଛି। କଙ୍ଗାରୁଙ୍କ ପାଇଁ ଏହି ସିରିଜ୍ ବିଶ୍ୱକପ୍ ଦୃଷ୍ଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ। ଏହାକୁ ପାକିସ୍ତାନର ଚୂଡ଼ାନ୍ତ ପ୍ରସ୍ତୁତି ଭାବେ ମଧ୍ୟ ଦେଖାଯାଉଛି। ସିରିଜ୍‌ର ପ୍ରଥମ ମ୍ୟାଚ୍ ଜାନୁଆରୀ ୨୯ରେ ଲାହୋର ଗଦ୍ଦାଫି ଷ୍ଟାଡିୟମ୍‌ରେ ଖେଳାଯିବ। ଏହାପରେ ୩୧ ଓ ଫେବୃଆରୀ ୧ରେ ବାକି ଦୁଇଟି ମ୍ୟାଚ୍ ସମାନ ଭେନ୍ୟୁରେ ଅନୁଷ୍ଠିତ ହେବ। ଅଷ୍ଟ୍ରେଲୀୟ ଟିମ୍ ପ୍ୟାଟ୍ କମିନ୍ସଙ୍କ ପରି ନିଜର କେତେକ ଅନୁଭବୀ ଖେଳାଳିଙ୍କ ବିନା ହିଁ ଲାହୋର ପହଞ୍ଚିଛି। ବିଶ୍ୱକପ୍ ପୂର୍ବରୁ ଆଘାତରୁ ସୁସ୍ଥ ହେଉଥିବା କମିନ୍ସ, ଜୋଶ୍ ହେଜଲ୍‌ଉ୍, ଗ୍ଲେନ୍ ମାକ୍ସୱେଲ୍, ଟିମ୍ ଡେଭିଡ୍ ଏବଂ ନାଥନ୍ ଏଲିସ୍‌ଙ୍କୁ ପାକିସ୍ତାନ ଗସ୍ତରୁ ବାହାରେ ରଖାଯାଇଛି। ଅଷ୍ଟ୍ରେଲିଆ ଟିମ୍ ୨୦୨୨ ପରେ ପ୍ରଥମ ଥର ପାକିସ୍ତାନ ଗସ୍ତ କରୁଛି। ଅନ୍ୟପକ୍ଷରେ ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ହେଉଥିବା ଟି-୨୦ ବିଶ୍ୱକପ୍‌ରେ ଖେଳିବା ପାଇଁ ପାକିସ୍ତାନ ଟିମ୍ ସରକାରଙ୍କ ମଞ୍ଜୁରୀ ଅପେକ୍ଷାରେ ରହିଛି। ପାକିସ୍ତାନ ସରକାର ନିଜ ଟିମ୍‌କୁ ବିଶ୍ୱକପ୍ ଖେଳିବାକୁ ଅନୁମତି ଦେଉଛନ୍ତି କି ନାହିଁ, ତାହା ଏବେ ଦେଖିବାକୁ ବାକି ରହିଛି। ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ୍ ନକ୍‌ଭୀ ପ୍ରଧାନମନ୍ତ୍ରୀ ଶାହବାଜ ଶରିଫ୍‌ଙ୍କ ସହ ବୈଠକ ପରେ କହିଥିଲେ ଯେ ସମସ୍ତ ବିକଳ୍ପ ଖୋଲା ରହିଛି ଏବଂ ନିଷ୍ପତ୍ତି ଶୁକ୍ରବାର କିମ୍ବା ଆଗାମୀ ସୋମବାର ସୁଦ୍ଧା ନିଆଯିବ। ସୂଚନାଯୋଗ୍ୟ, ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ଏବଂ ସେଠାକାର ଅନ୍ତରୀଣ ସରକାର ସୁରକ୍ଷା ଦ୍ୱାହିଦେଇ ଭାରତରେ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଖେଳିବାକୁ ମନା କରିଦେଇଥିଲା। ଏହାପରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ବାଂଲାଦେଶ ସ୍ଥାନରେ ସ୍କଟ୍‌ଲାଣ୍ଡକୁ ଟୁର୍ଣ୍ଣାମେଣ୍ଟ୍‌ରେ ସାମିଲ କରିଛି। ପାକିସ୍ତାନ ଏହାର ବିରୋଧ କରୁଛି।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।

ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

**TARIFF**

Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**